## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ଲୋଇସିଂହା,୨୬।୧୨(ସୁଶାନ୍ତ ବାରିକ)

ଗୁରୁବାର ଲୋଇସିଂହା ବ୍ଲକ ଝାରମୁଣ୍ଡା ମିନିଷ୍ଟାଡିୟମରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଲୋଇସିଂହା ବ୍ଲକ ସଭାପତି ହୃଦୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରାର୍ଥୀ ନିହାରଞ୍ଜନ ବେହେରା ଯୋଗ ଦେଇଥିଲେ। ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ, ଆଗଲପୁର ବ୍ଲକ ଉପାଧ୍ୟକ୍ଷା ନିରୁପମା ସାହୁ, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସଂଯୁକ୍ତା ବରିହା, ବୀଣାପାଣି ଦାସ, ମହିଳା ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ, ଆଗଲପୁର ଓ ପୁଇଁତଲା ବ୍ଲକ ସଭାପତି ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉନ୍ନୟନମୂଳକ କାର୍ଯ୍ୟକୁ ମନେ ପକାଇବା ସହିତ ରାଜ୍ୟରେ ଭାଜପା ସରକାର ଆସିବା ପରେ ଦରଦାମକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡିଥିବା କହିଥିଲେ। ସଭାରେ ଲୋଇସିଂହା, ପୁଇଁତଲା ଓ ଆଗଲପୁର ବ୍ଲକର ବିଜେଡି କର୍ମୀ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ଶ୍ୟାମସୁନ୍ଦର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା କମିଲା, ବଢ଼ିଲା ଦୁର୍ଦ୍ଦଶା

ଭବାନୀପାଟଣା: ୨୬।୧୨ (ଉତ୍ତମ କୁମାର ଦାଶ)


ଧାନ କ୍ଷେତରେ ବର୍ଷାପାଣି।

■ କ୍ଷେତରେ ବୁଡିରହିଛି ଧାନ
■ ୨୮ରେ ବନ୍ଦ ଡାକରା ଦେଲେ ବିଧାୟକ ସାଗର

ଦୁଇଦିନର ଲଗାଣ ବର୍ଷା ଚାଷୀଙ୍କ ସମସ୍ତ ସ୍ୱପ୍ନ ଓ ସମ୍ଭାବନାକୁ ଧୋଇନେଇଛି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛି। ଗୁରୁବାର ସକାଳେ ବର୍ଷା ଛାଡିଥିଲେ ମଧ୍ୟ ଚାଷୀଙ୍କ ଦୁର୍ଦ୍ଦଶା ବଢିଛି। କ୍ଷେତରେ ଥିବା ଧାନ ପାଣିରେ ବୁଡିରହିଛି। ସେହିପରି ଖଳା ଓ ମଣ୍ଡିରେ ଥିବା ଧାନ ମଧ୍ୟ ଭିଜିଯାଇଛି।

ଚଳିତ ଖରିଫ ଋତୁରେ ସରକାର କଳାହାଣ୍ଡି ଜିଲା ପାଇଁ ଧାନ କ୍ରୟ ଲାଗି ୫୦ ଲକ୍ଷ କୁଇଣ୍ଟାଲର ଟାର୍ଗେଟ ଦେଇଛନ୍ତି। ମଙ୍ଗଳବାର ସୁଦ୍ଧା ୨୫ ହଜାର ଚାଷୀଙ୍କ ୧୧ ଲକ୍ଷ ୭୩ ହଜାର କୁଇଣ୍ଟାଲ ସଂଗ୍ରହ ହୋଇପାରିଛି। ବର୍ତ୍ତମାନ ବି ହଜାର ହଜାର ଚାଷୀଙ୍କ ଧାନ ମଣ୍ଡିରେ ତ ଆଉ କେତେକ ଖଳାରେ ରହିଛି। ଗତ କିଛିଦିନ ଧରି ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡିକୁ ଯାଇ ସ୍ଥିତିକୁ ଅତି ନିକଟରୁ ଦେଖିଥିଲେ। ଚାଷୀ ସବୁପ୍ରକାର ସମସ୍ୟାର ଶିକାର ହେଉଥିବା ହୃଦବୋଧ କରିଥିଲେ। ସେ କହିଥିଲେ, ସରକାର ପୂର୍ବରୁ ଜିରୋ କଟିଂ ଓ ଦଲାଲ ମୁକ୍ତ ମଣ୍ଡି ଘୋଷଣା କରିଥିଲେ। ସମୟକ୍ରମେ କୌଣସି ଘୋଷଣା କାର୍ଯ୍ୟକାରୀ ହେଲାନାହିଁ। ଚାଷୀ ସେମିତି ଶୋଷଣର ଶିକାର ହେବା ସାର ହେଲା। ତେଣୁ ଆସନ୍ତା ୨୮ରେ ସମଗ୍ର ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ବନ୍ଦ ଡାକରା ଦିଆଯାଇଛି। ମଣ୍ଡିରେ ଅବ୍ୟବସ୍ଥା ହିଁ ବନ୍ଦ ଡାକରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଧାୟକ ଦାସ ପ୍ରକାଶ କରିଛନ୍ତି। କଳାହାଣ୍ଡି ଜିଲାପାଳ ମଧ୍ୟ ଧାନ ସଂଗ୍ରହ ଯେପରି ବ୍ୟବସ୍ଥିତ ଢଙ୍ଗରେ ହୋଇପାରିବ ସେ ନେଇ ବାରମ୍ବାର ବୈଠକ କରିଥିଲେ। ଚଳିତ ୨୦୨୪-୨୫ ବର୍ଷ ଖରିଫ ଫସଲ ପାଇଁ ଜିଲାରେ ୧୧୪୭୫୮ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବୈଠକରେ କୁହାଯାଇଥିବାବେଳେ ଏବେ ମାତ୍ର ୨୫ପ୍ରତିଶତ ଚାଷୀ ଧାନ କ୍ରୟରେ ଅଂଶଗ୍ରହଣ କରିଛନ୍ତି। କୁଇଣ୍ଟାଲ ପିଛା ଧାନର ଏମ୍‌ଏସ୍‌ପି ମୂଲ୍ୟ ୨୩ଶହ ଟଙ୍କା ସହିତ ଇନ୍‌ପୁଟ ସହାୟତା ରାଶି ୮ଶହ ଟଙ୍କା ମିଶି ୩୧ଶହ ଟଙ୍କା ଚାଷୀଙ୍କୁ ଦିଆଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଧାନର ମାନ ନିର୍ଦ୍ଧାରଣ ବ୍ୟବସ୍ଥାରେ ଚାଷୀ ଅସନ୍ତୁଷ୍ଟ ରହୁଛି କାହିଁକି ସେ କଥା କେହି ବୁଝିବା ଅବସ୍ଥାରେ ନ ଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଚାଷୀ ମଣ୍ଡିକୁ ଗଲେ କଟ୍‌ନିର ଭୟ। ଉଚିତ ପ୍ରାପ୍ୟ ମିଳିବା କଷ୍ଟ। ଟୋକନ ଅନୁସାରେ ଧାନ କିଣାବିକା ହେବା ବେଳକୁ ଧାନକୁ ସୁରକ୍ଷିତ ରହିବା କାଠିକର ବିଷୟ ବୋଲି ଚାଷୀ କହିଛନ୍ତି। ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ଟୋକନ୍ ଲାପ୍ସ ନେଇ ଚିନ୍ତାରେ ଚାଷୀ


ଖୋଲା ଆକାଶ ତଳେ ଧାନବସ୍ତା।

ଖଡ଼ିଆଲ,୨୬।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ଡୁଆଝର ପ୍ୟାକ୍ସ ଅଧୀନରେ ଲାଞ୍ଜି ପଞ୍ଚାୟତରେ ଖୋଲିଛି ଧାନ ମଣ୍ଡି। ଏହି ମଣ୍ଡିରେ ଲାଞ୍ଜି ପଞ୍ଚାୟତର ୧୭୦ ଜଣ ଚାଷୀ ପଞ୍ଜିକୃତ ହୋଇ ୫ ହଜାର କୁଇଣ୍ଟାଲ ଧାନ ବିକ୍ରୟ କରିବାର ବ୍ୟବସ୍ଥା କରାଯାଇଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ୪୭ ଜଣ ଚାଷୀଙ୍କ ୧୬୧୫ କୁଇଣ୍ଟାଲ ଧାନ କିଣାଯାଇଥିବାବେଳେ ୨୫ ଜଣ ଚାଷୀଙ୍କ ୨୫୭୩ ବ୍ୟାଗ ଧାନ ଖୋଲା ଆକାଶ ତଳେ ପଡିରହିଛି। ଚାଷୀମାନେ ପଲିଥିନ ଢାଙ୍କି ଧାନକୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରି ଅସଫଳ ହେଉଥିବା ଦେଖାଯାଉଛି। ଅନ୍ୟପକ୍ଷେ ଆଗାମୀ ଦିନେ ଦୁଇଦିନ ମଧ୍ୟରେ ଧାନ ବିକ୍ରି ନ ହେଲେ ଟୋକନ୍ ଲାପ୍ସ ହେବା ସମ୍ଭାବନା ନେଇ ଚାଷୀ ଚିନ୍ତାରେ ଅଛି। ଶୀତ କାକରରେ ଧାନ ଜଗିଥିବା ବେଳେ ଏବେ ବର୍ଷା ଦାଉ ସାଧୁଛି। ଶନିବାର ଓ ରବିବାର ଝିପି ଝିପି ବର୍ଷା ହୋଇଥିଲା। ଅଧା ଚାଷୀଙ୍କ ଧାନ ତାର୍‌ପୋଲିନ ଢ଼ଙ୍କା ଯାଇଥିବା ବେଳେ ଅଧା ଚାଷୀଙ୍କ ଧାନ ଖୋଲା ଆକାଶ ତଳେ ପଡି ରହିଛି। ବିଭାଗ ପକ୍ଷରୁ ତାରପୋଲିନ ଯୋଗାଇ ଦିଆଯାଉ ନ ଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଆର୍‌ଏମ୍‌ସି କର୍ମଚାରୀ କ୍ଷିରୋଦ ରାଉତଙ୍କୁ ପଚାରିବାରୁ ମିଲର୍ସମାନେ କମ ଗାଡ଼ି ପଠାଉଥିବାରୁ ଧାନ ଉଠିପାରୁନି। ତଥାପି ଯଥାଶୀଘ୍ର ଧାନ ଉଠାଇବା ବ୍ୟବସ୍ଥା କରାଯିବ। ବର୍ଷା ପାଇଁ ତାରପୋଲିନ ଯୋଗାଇ ଦିଆ ଯାଇଥିବା ସେ କହିଛନ୍ତି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ


ଜାତୀୟ ରାଜପଥ ଅବରୋଧ କରିଛନ୍ତି ଗ୍ରାମବାସୀ।

ନୂଆପଡା,୨୬।୧୨ (ମକାରୁ ବେମାଲ)

### ଟ୍ରକ୍ ଚାପାରେ ବାଇକ୍ ଆରୋହୀ ମୃତ

ନୂଆପଡ଼ା ଜିଲା କୋମନା ଥାନା ଉଦ୍ୟାନବନ୍ଧ ପେଟ୍ରୋଲ ପମ୍ପ ସମ୍ମୁଖରେ ଗୁରୁବାର ଟ୍ରକ୍ ଚାପାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିବା ପରେ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ମୃତକ ହେଲେ ଜଡାମୁଡା ପଞ୍ଚାୟତ କୁମ୍ଭିମୁଣ୍ଡା ଗାଁର ଅଲେଖ ବଘେଲ (୫୫)। ସୂଚନା ଅନୁଯାୟୀ ଅଲେଖ ଏକ ବାଇକ୍‌ରେ କୌଣସି କାମରେ ଉଦ୍ୟାନବନ୍ଧ ଯାଉଥିଲେ। ସେହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ବାଇକ୍ ଉପରକୁ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ଅଲେଖଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଗ୍ରାମବାସୀ ଓ ପରିବାର ସଦସ୍ୟ ଉଦ୍ୟାନବନ୍ଧ ପେଟ୍ରୋଲ ପମ୍ପ ଠାରେ ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଦୀର୍ଘ ୨ ଘଣ୍ଟା ପରେ ଅତିରିକ୍ତ ବିଡିଓ ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଂଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର, ଗାଡି ମାଲିକ ୩୦ ହଜାର ଓ କୁରେଶ୍ୱର ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଟଙ୍କା ସହାୟତା ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଧରିବା ସହ ଅଧିକ ତଦନ୍ତ କରାଯାଉଛି ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି ଧାନ

କେସିଙ୍ଗା,୨୬।୧୨(ଡୁମେଶ୍ୱର ସାହୁ)


ବାଲ୍‌ସି ମଣ୍ଡିରେ ଖୋଲା ଆକାଶ ତଳେ ଧାନ ପଡିରହିଛି।

ଅମଳ ବେଳକୁ ଅଦିନିଆ ବର୍ଷା ଯୋଗୁ ପାଚିଲା ଧାନ ନଷ୍ଟ ହେବାକୁ ବସିଛି। ମଣ୍ଡିରେ ଖୋଲା ଆକାଶ ତଳେ ପଡିରହିଛି କୁଇଣ୍ଟାଲ କୁଇଣ୍ଟାଲ ଧାନ। ଏଭଳି ଦୃଶ୍ୟ କଳାହାଣ୍ଡି ଜିଲାର କେସିଙ୍ଗା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। କେସିଙ୍ଗା ବ୍ଲକରେ ଖରିଫ ଋତୁରେ ୯ ହଜାରରୁ ଅଧିକ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ଜଣାପଡିଛି। କାଣ୍ଡେଲା ପ୍ୟାକ୍ସ ଅଧୀନରେ କାଣ୍ଡେଲ, ବାଲସି ଉପମଣ୍ଡି, ଶିରୋଲ ଓ ମଶାଣିବନ୍ଧଠାରେ ୪ଟି ଧାନମଣ୍ଡି ଖୋଲାଯାଇଛି। ଗତ ମଙ୍ଗଳବାରଠାରୁ ଲଘୁଚାପଜନିତ ବର୍ଷା ଲାଗିରହିଥିଲେ ମଧ୍ୟ ମଣ୍ଡିରେ ଖୋଲା ଆକାଶ ତଳେ ଶତାଧିକ କୁଇଣ୍ଟାଲ ଧାନ ପଡିରହିଛି। କାଣ୍ଡେଲ ମଣ୍ଡିରେ ୪୦୨ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି । ସେଥିରୁ ୮୬ଜଣ ଚାଷୀଙ୍କଠାରୁ ୩୩୪୨ କୁଇଣ୍ଟାଲ ଧାନ ମିଲର କ୍ରୟ କରିଛି। ଶିରୋଲ ମଣ୍ଡିରେ ୩୩୪ ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୩୧ଜଣ ଚାଷୀଙ୍କଠାରୁ ୧୧୩୭ କୁଇଣ୍ଟାଲ ଏବଂ ବାଲ୍‌ସି ଉପମଣ୍ଡି ଓ ମଶାଣିବନ୍ଧ ଧାନ ମଣ୍ଡିରେ ଆରମ୍ଭ ଦିନଠାରୁ ୫୦ଜଣ ଚାଷୀଙ୍କଠାରୁ ୨୩୦୦ କୁଇଣ୍ଟାଲ ଧାନ ମିଲର କ୍ରୟ କରିଛି। ହେଲେ କୁଇଣ୍ଟାଲ ପ୍ରତି ୫ରୁ ୭କେଜି ଧାନ କଟାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନେ ଜିଲାପାଳ, ଖାଦ୍ୟ ଯୋଗାଣ ବିଭାଗକୁ ଅଭିଯୋଗ କରିବା ସତ୍ତ୍ୱେ କିଛି ବି ସୁଫଳ ମିଳୁ ନ ଥିବା କହିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଲିଖିତ ଆକାରରେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ।

# ଅଦିନିଆ ବର୍ଷା: ଡାଲିଜାତୀୟ ଫସଲ ନଷ୍ଟ

କୋକସରା,୨୬।୧୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକରେ ୧୩୫ ମିମି ବର୍ଷା ସରକାରୀ ଭାବେ ରେକର୍ଡ କରାଯାଇଛି। ଏହା ପ୍ରଭାବରେ କୋକସରା ଗ୍ରାମର ଚାଷୀ ତୋଷନ ପ୍ରଧାନୀ, ଧର୍ମେନ୍ଦ୍ର ପ୍ରଧାନୀ, ଚିତ୍ତେଶ୍ୱରୀ ଶବର, ଭଜ ଶବର, କ୍ଷୀରସିନ୍ଧୁ ନେଗି ପ୍ରମୁଖଙ୍କ ଅମଳ ହୋଇ ନ ଥିବା ଧାନ ପାଣିରେ ବୁଡିରହିଛି। ଏହାବ୍ୟତୀତ ବ୍ଲକର ୨୨ ପଞ୍ଚାୟତର ଶତାଧିକ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ଖବର ହସ୍ତଗତ ହୋଇଛି। ବିଭିନ୍ନ ମଣ୍ଡିରେ ବ୍ଲକର ୨୧୦ ଜଣ ଚାଷୀଙ୍କ ୮୨୫୧.୯୭ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡି ରହିଥିବା ବେଳେ ଲଗାଣ ବର୍ଷାରେ ଭିଜି ନଷ୍ଟ ହୋଇଥିବା ଜଣାପଡିଛି। ଅନ୍ୟପଟେ ଅଣ ଜଳସେଚିତ ଜମିରେ ମୁଗ, ବିରି, ସୂର୍ଯ୍ୟମୁଖୀ, ଅଳସୀ, ବିରି, ହରଡ଼, ଶିମ୍ବ ଭଳି ଡାଲିଜାତୀୟ ଫସଲ ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ବ୍ଲକର ଗମ୍ଭାରୀଗୁଡା, ଟେମରା, ଫୁପଗାଁ, ଚିକିଲି, କର୍ଲାଗୁଡା, ଗୋଡମୁଣ୍ଡା, ପାତ୍ରବସା, ଢ଼ହଗାଁ, ସର୍ଗିଗୁଡା ଅଞ୍ଚଳରେ ବ୍ୟାପକ ଭାବେ ପନିପରିବା ଚାଷ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ ଓ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ କ୍ଷତିଗ୍ରସ୍ତ ଚାଷଜମି ଓ ବିଭିନ୍ନ ମଣ୍ଡିରେ ଚାଷୀଙ୍କୁ ଭେଟି ଆଲୋଚନା କରିଛନ୍ତି। କ୍ଷତିପୂରଣ ପାଇଁ କୋକସରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଚାଷୀ ନେତା ପ୍ରଧାନୀ କହିଛନ୍ତି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର



କୋକସରା,୨୬।୧୨ (ଦୁଷ୍ମନ୍ତ କୁମାର ପାଢୀଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମ ପଞ୍ଚାୟତ ଖୁଣ୍ଟିଆ ଗ୍ରାମରେ ପାଞ୍ଚପ୍ରାଣୀ କୁଟୁମ୍ବ ସହ ରହନ୍ତି ଧନସାଏ ଧରୁଆ। ଝାଟିମାଟି ଘରେ ବୃଦ୍ଧ ପିତା ଇନ୍ଦ୍ର ଧରୁଆ, ସ୍ତ୍ରୀ ସରସ୍ୱତୀ, ଦୁଇ ଝିଅ ବୈଦେହି ଓ ଯମୁନାଙ୍କୁ ନେଇ ଧନସାଏ ମୂଲଲାଗି କାଳାତିପାତ କରନ୍ତି। ଗତ ଦୁଇ ଦିନ ଧରି ଲଗାଣ ବର୍ଷା ତାଙ୍କ ପାଇଁ ଆଣିଦେଲା ଦୁଃଖ। ପ୍ରବଳ ବର୍ଷା ମାଡ଼ରେ ଭାଙ୍ଗିଗଲା ଝାଟିମାଟିର ଘର। ଏହି ଅଘଟଣରୁ ଅଳ୍ପକେ ବର୍ତ୍ତିଗଲେ ପରିବାର। ବର୍ତ୍ତମାନ ପରିବାର ବେସାହାରା ହୋଇପଡିଛନ୍ତି। ରାଜ୍ୟ ସରକାରଙ୍କ ଆବାସ ଗୃହ ତାଙ୍କ ପାଇଁ ସ୍ୱପ୍ନ ହୋଇଛି। ଏପରି ଏକ ଦୁଃଖଦ ପରିସ୍ଥିତିରେ ବ୍ଲକ ପ୍ରଶାସନ ଅସହାୟ ପରିବାରକୁ ସରକାରୀ ସହାୟତା ଓ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଢ଼ହଗାଁ ରାଜସ୍ୱ ନିରୀକ୍ଷକ ରାଧା ଗୋବିନ୍ଦ ପଟ୍ଟନାୟକଙ୍କୁ ପଚାରିବାରୁ ପଲିଥିନ ଦେବାସହ କ୍ଷୟକ୍ଷତି ରିପୋର୍ଟ ତହସିଲ କାର୍ଯ୍ୟାଳୟରେ ଦାଖଲ କରିବା ପରେ ସରକାରୀ ନିୟମ ମୁତାବକ ଯାହା କ୍ଷତିପୂରଣ ରହିଛି ଯୋଗାଇଦିଆଯିବ ବୋଲି କହିଛନ୍ତି।

# ସର୍ବଭାରତୀୟ ଓପନ କରାଟେରେ ଭାଗନେବେ କଳାହାଣ୍ଡିର ୧୬ ଛାତ୍ରୀଛାତ୍ର


ଭୁବନେଶ୍ୱର ଅଭିମୁଖେ ବାହାରିଥିବା କରାଟେ ଖେଳାଳି।

ଲାଞ୍ଜିଗଡ଼,୨୬।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ୧୬ ଜଣ କରାଟେ ଛାତ୍ରୀଛାତ୍ର ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୁରୁବାର ଭୁବନେଶ୍ୱର ଗସ୍ତ କରିଛନ୍ତି। ଡିସେମ୍ବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ପ୍ରତିଯୋଗିତା ହେବ। ସେମାନେ ହେଲେ ଜିଲ୍ଲାର ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର କରାଟେ ଛାତ୍ରଛାତ୍ରୀ। ପ୍ରତିଯୋଗୀମାନେ ହେଲେ କାବ୍ୟଶ୍ରୀ ମହାପାତ୍ର, ସୋର୍ଣିମା ମହାପାତ୍ର, ଅଭିଲିପ୍ସା ପଲେଇ, ଶୋୟମ ଓଡ଼ିଆ, ପୁଷ୍ପେନ୍ଦୁ ବିଶ୍ୱାଳ, କୁସୁମପ୍ରଭା ମାଝୀ, ମୋହିତ ମୋଲ, ହେମନ୍ତ ମଲ୍ଲିକ, ସୋନକ ସଭଦର୍ଶ ସାହୁ, ଆଶୀର୍ବାଦ ବାଡତିଆ, ସିଏଚ୍ ସାଇସାଶ୍ୱତ, ଅର୍ପିତା ବାଡତିଆ, ଲୋକେଶ କୁମାର ବିଶ୍ୱାଳ, ହିତେଶ କୁମାର ମହାଖୁଡ଼, କିରନ ବେମାଲ ଓ ଗଙ୍ଗାଧର ମଲ୍ଲିକ। ଲାଞ୍ଜିଗଡ କରାଟେ କୋଚ ସନପାଇ କ୍ଷମାନିଧି ମହାଖୁଡ଼ଙ୍କ ନେତୃତ୍ୱରେ ଏହି ଖେଳାଳିମାନେ ଭୁବନେଶ୍ୱର ଗସ୍ତ କରିଛନ୍ତି। ପ୍ରତିଯୋଗୀମାନଙ୍କୁ ବେଦାନ୍ତ ଆଲୁମିନା ସିଇଓ ପ୍ରଣବ ଭଟ୍ଟାଚାର୍ଯ୍ୟ, ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟ ଅଧ୍ୟକ୍ଷ ସଦାନନ୍ଦ ହୋତା, ବେଦାନ୍ତ ସିଏସ୍ଆର୍ ମୁଖ୍ୟ ଶିଶିର ତରଫଦାର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଏଥର ୩ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ

ଗୋଲାମୁଣ୍ଡା, ୭।୧୨(ବଟକୃଷ୍ଣ ପଣ୍ଡା)

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ପାଇଁ ଗୋଲାମୁଣ୍ଡା ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ତଥା ଉତ୍ସବ କମିଟି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସଂଯୋଜକ ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ ନାୟକ, ସମିତି ସଭ୍ୟ ଦୁର୍ଗେଶ୍ୱର ସାହୁ, ବିଇଓ ଭବାନୀ ଶଙ୍କର ଯୋଶୀ ପ୍ରମୁଖ ଯୋଗଦେଇ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଏହାକୁ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଆସନ୍ତା ଜାନୁଆରୀ ୧୦ରୁ ୧୨ତାରିଖ ପର୍ଯ୍ୟନ୍ତ ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଅନୁଷ୍ଠିତ ହେବ। ଏଥର ତିନିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କମିଟି ସ୍ଥିର କରିଛି। ରାଜ୍ୟ ବାହାରର କଳାକାର ଓ ସିନେ ତାରକା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ବୃଷଭ ନାଏକ, ଗଙ୍ଗାଧର ରାଉତ, ଖଲିଆପାଲି ସରପଞ୍ଚ ଜିମୁତ ହରପାଲ, ମହାଲିଙ୍ଗ ସମିତି ସଭ୍ୟ କିରଣ ସିଂ, ମାନଝରୀ ସରପଞ୍ଚ ଜଗଜୀବନ ଅଘରିଆଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଲୋପପ୍ରତିନିଧି ଓ ଅଧିକାରୀ।

## କୋଶଲୀ ବିରାଟ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ

ନୂଆପଡ଼ା,୨୬।୧୨ (ମକାରୁ ବେମାଲ): ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମରେ କୋଶଲୀ ବିରାଟ ଆଞ୍ଚଳିକ ଧନୁଯାତ୍ରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କମିଟି ସଭାପତି ଗୋପାଲ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ କ୍ରୀଡାବିତ୍ ସରୋଜ କୁମାର ସାହୁ ମୁଖ୍ୟ ଅତିଥି, ଜିଲା ପରିଷଦ ସଦସ୍ୟ ଭରତ ଲାଲ ରାଉତ, ସାରାବଙ୍ଗ ସରପଞ୍ଚ ରଥବାଇ ପଟେଲ, ସମିତି ଜାଗୃତି ସାହୁ, ଲାଲସିଂ ମାଝି, ପୁନିତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଧନୁଯାତ୍ରାରେ ମଧୁସୂଦନ ପାଣିଗ୍ରାହୀ କଂସ ଭୂମିକାରେ ଅଭିନୟ କରୁଛନ୍ତି। ମିନା ବଜାର ସହ ଯାଦୁ ଖେଳ, ଦୁଲଦୁଲି, ଷ୍ଟାର ନାଇଟ ଭଳି କାର୍ଯ୍ୟକ୍ରମ ରହିଛି ।


ମୁଖ୍ୟ ଅତିଥି ଉଦଘାଟନ କରୁଛନ୍ତି।

# କଠିନ ପରିଶ୍ରମ କଲେ ପୁଣି ଶାସନକୁ ଫେରିବ ବିଜେଡି

ଭବାନୀପାଟଣା,୨୬।୧୨(ଉତ୍ତମ କୁମାର ଦାଶ)


ଭବାନୀପାଟଣା ଟାଉନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେତୃବୃନ୍ଦ।

### ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ

କଳାହାଣ୍ଡି ଜିଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଗୁରୁବାର ବିଜୁ ଜନତା ଦଳର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିଷ୍ଠା ଦିବସରେ ନେତାମାନେ ଦଳର ପ୍ରତିଷ୍ଠାତା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଦଳର ସଂଗଠନ ପାଇଁ କଠିନ ପରିଶ୍ରମ କଲେ ବିଜେଡି ପୁଣି ଶାସନକୁ ଫେରିବ ବୋଲି କହିଥିଲେ। ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଶପଥ ନେବାକୁ ସେ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାଶ, ବରିଷ୍ଠ ବିଜେଡ଼ି ନେତା ପ୍ରଦୀପ ମୁଣ୍ଡ, ଜାକିର ହୁସେନ, ଜିତେନ୍ଦ୍ର ମହାନ୍ତି, ସାରଦା ପ୍ରସନ୍ନ ସ୍ୱାଇଁ, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଉପସଭାପତି ମଣ୍ଟୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର ପରିଚାଳନା କରିଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ କଲ୍ୟାଣ ମଣ୍ଡପ ଠାରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଖଡ଼ିଆଳ ନଗର ସଭାପତି ଦୀପକ କୁମାର ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଜିଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ସରପଞ୍ଚ ସନ୍ତୋଷ ମିଶ୍ରଙ୍କ ସମେତ ଜିଲା ଓ ବ୍ଲକ କର୍ମକର୍ତ୍ତା ଯୋଗଦେଇ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ସୁଶାସନ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନର ଭାଜପା ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛି।ସମସ୍ତ କର୍ମୀ ଲୋକଙ୍କ ପାଖକୁ ଯାଇ ପୂର୍ବ ସରକାର ସମୟରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ସଚେତନ କରିବା ପାଇଁ ଆହ୍ୱାନ କରିଥିଲେ।

**ଜୁନାଗଡ଼ (ସୁନୀଲ କୁମାର ସିଂହ):** ଜୁନାଗଡ଼ ସଂସ୍କୃତି ଭବନଠାରେ ଗୁରୁବାର ବିଜେଡିର ୨୮ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଦଳର ବ୍ଲକ ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖଅତିଥି ଭାବେ ଯୋଗଦାନ କରି ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ଉପସଭାପତି ପ୍ରଦୀପ ମୁଣ୍ଡ, ସାରଦା ସ୍ୱାଇଁ, ଜିଲା ଏସ୍‌ସି ସେଲ ସଭାପତି ପ୍ରଶାନ୍ତ ନାଏକ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଜିଲା ପରିଷଦ ଉପସଭାପତି ସୁଧିରା ମେହେର, ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷା ହିମାଦ୍ରୀ ନାଏକ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ।

**ଧର୍ମଗଡ଼ (ଆକାଶ କୁମାର ଜଗତ):** ଗତ ୨୪ ବର୍ଷରେ ବିଜେଡି ଓଡ଼ିଶାକୁ ସାରା ଦୁନିଆରେ ଏକ ସଶକ୍ତ ରାଜ୍ୟର ପରିଚୟ ଦେଇଛି। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ନୂଆ ପରିଚୟ ସୃଷ୍ଟି କରିଛି। ଓଡ଼ିଶାବାସୀଙ୍କ ଭଲ ପାଇବା ପାଇଁ ବିଜେଡି ଏକ ଶକ୍ତିଶାଳୀ ଦଳରେ ପରିଣତ ହୋଇଛି। ଧର୍ମଗଡ଼ କଲ୍ୟାଣ ମଣ୍ଡପଠାରେ ବିଜେଡିର ପ୍ରତିଷ୍ଠା ଦିବସରେ ସଭାପତିତ୍ୱ କରି ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଏହା କହିଛନ୍ତି। ପ୍ରାରମ୍ଭରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଧର୍ମଗଡର ପୂର୍ବତନ ବିଧାୟକ ମୌଷଧି ବାଗ, ଆଇନଜୀବୀ କଲ୍ୟାଣୀ ନାଏକ, ବିଜୁ ମହିଳା ସେଲର ସୁଶ୍ରୀ ହୀରା ବାଗ, ଜିଲା ଉପସଭାପତି ଥବିର ପ୍ରସାଦ ସାହୁ, ନିର୍ବାଚନ ମଣ୍ଡଳୀ ସଭାପତି ମାନସ ବାଗ, ସରକାରୀ ଓକିଲ ଭବାନୀ ପଣ୍ଡା, ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ଧର୍ମଗଡ ବ୍ଲକ ମହିଳା ସଭାନେତ୍ରୀ ମିଥିଳା ପୁଞ୍ଜି, ଜିଲ୍ଲା ଏସସି ସେଲ ଉପ ସଭାପତି କ୍ଷୀରୋଦ ବାଗ,ଧର୍ମଗଡ ବ୍ଲକ ପ୍ରତିନିଧି ସାଧୀନ ବାଗ ପ୍ରମୁଖ ଯୋଗ ଦେଇଥିଲେ। ସରକାରୀ ଓକିଲ ରାଜେନ୍ଦ୍ର ମୁନି ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ତରଭା ଚର୍ଚ୍ଚରେ ବଡ଼ଦିନ ପାଳିତ

ତରଭା,୨୬।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ସହରସ୍ଥିତ ଚର୍ଚ୍ଚରେ ବଡଦିନ ଉତ୍ସବ ପାଳନ କରାଯାଇଥିଲା। ମୁଖ୍ୟବକ୍ତାଭାବେ ବଲାଙ୍ଗୀରର ବିଜୟ କୁମାର ପଣ୍ଡା ଯୋଗଦେଇ ପବିତ୍ର ବାଇବେଲରୁ ବାକ୍ୟ ପରିବେଷଣ କରି ପ୍ରେମ, କ୍ଷମା ବିଷୟରେ ଉଦବୋଧନ ଦେଇ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ। ଚର୍ଚ୍ଚର ପାଷ୍ଟର ବିଜୟ କୁମାର ସାହୁ ଶୁଭେଚ୍ଛା ବାର୍ତ୍ତା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରିଚାଳକ ରାଜ କିଶୋର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବନିତା ସାହୁ, ଅନୁ, ମିନା ପ୍ରମୁଖ ସଙ୍ଗୀତ ଆରାଧନା ପରିବେଷଣ କରିଥିଲେ।

### ଶ୍ରୀହରି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ତରଭା,୨୬।୧୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶିବତୁଲାସ୍ଥିତ ଶ୍ରୀହରି ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ, ବିଦାଳୟର ପରିଚାଳନା ନିର୍ଦ୍ଦେଶକ ଡ଼ ରାଜେଶ କୁମାର ମେହେର, ପ୍ରିନସିପାଲ ଜିନାରାଣୀ ମେହେର ମଞ୍ଚାସୀନ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ଶୃଙ୍ଖଳାର ସହିତ ସମସ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉତ୍ତମ ଖେଳପ୍ରଦର୍ଶନ କରିବାକୁ କହିଥିଲେ। ସଭାକାର୍ଯ୍ୟ ସମାପନ ପରେ ଶପଥ ପାଠ କରାଯାଇ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବିଭିନ୍ନ ବର୍ଗରେ ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ, ପିକବଲ ଆଦି ପ୍ରତିଯୋଗିତା ବିଭିନ୍ନ ବର୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିଲା। ଅଭିଭାବକଙ୍କ ପାଇଁ ୧୦୦ ମିଟର ଦୌଡ ପ୍ରତିଯୋଗିତା ଏବଂ ଅଭିଭାବିକାଙ୍କ ପାଇଁ ୫୦ ମିଟର ଦୌଡ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଭିଭାବକଙ୍କ ମଧ୍ୟରୁ ସୁଶିଲ କୁମାର ମହଲା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅଭିଭାବିକାଙ୍କ ମଧ୍ୟରୁ ଆରତୀ ନାଏକ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ପରିଚାଳନା ନିର୍ଦ୍ଦେଶକ ମେହେର କହିଛନ୍ତି।

# ସଫଳତା ପାଇଁ କଠିନ ପରିଶ୍ରମ ଜରୁରୀ

ସୋନପୁର,୨୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟଭାଡିସ୍ଥିତ କୋଶଳ ଉଚ୍ଚ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ସୋନପୁର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସଫଳତା ପାଇଁ କଠିନ ପରିଶ୍ରମ କରିବା ଜରୁରି ବୋଲି ପୂଜାରୀ କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତାଭାବେ ଖୋଲାଫର୍ଦ୍ଦର ମୁଖ୍ୟ ପରିଚାଳକ ତଥା ମୁଖ୍ୟ ସମ୍ପାଦକ ବିମଳ କୁମାର ଭଞ୍ଜଦେଓ, ସମ୍ମାନୀତ ଅତିଥିଭାବେ ଅଭିମନ୍ୟୁ କୁଶଳ, ବିଦ୍ୟାଳୟ ସଭାପତି ଶ୍ରୀବସ୍ତ ମଲ୍ଲିକ ମଞ୍ଚାସୀନ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ବାର୍ଷିକ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**କୋଶଳ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ**

ଦ୍ୱିତୀୟ ଅଧିବେଶନରେ ସୋନପୁର ଉପଜିଲାପାଳ ଡ ସୋମ୍ୟରୂପା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମଞ୍ଜୁଲତା ଭୋଇ, ଉପସଭାପତି ପ୍ରଫୁଲ୍ଲ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଧାନ ଶିକ୍ଷକ ପରମା ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସଞ୍ଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦ୍ୟାଳୟ ଉପଦେଷ୍ଟା ପିତାମ୍ବର ମହାପାତ୍ର କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ସ୍ମିତାରାଣୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ସମସ୍ୟା ନେଇ ଆଲୋଚନା

ବୌଦ୍ଧ,୨୬।୧୨(ଅଜିତ କୁମାର ବାରିକ)

ନିଖିଳ ଓଡିଶା ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ବୌଦ୍ଧ ଜିଲା ଶାଖାର ଏକ ବୈଠକ ବୌଦ୍ଧ ସହରସ୍ଥିତ ମାତଙ୍ଗେଶ୍ୱର ମନ୍ଦିର ପରିସରରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ରାଜକିଶୋର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ସଂପାଦକ ସୁକାନ୍ତ ରାଜହଂସ ବିବରଣୀ ପାଠ କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲା ସଭାପତି ଜଗଦୀଶ ପରୁଆ, ସମ୍ମାନିତ ଅତିଥି ଭାବେ ସଂପାଦକ ଜୟଦେବ ପାଟ୍ଟଶାଣୀ, ପୁରୀ ଜିଲାର କାହ୍ନୁ ଚରଣ ଦାସ, ସୁବାସ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ବୈଠକରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା ହୋଇଥିଲା। ପରେ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମିତ କ୍ରମେ ଉପଦେଷ୍ଟା ଭାବେ ରମେଶ ଚନ୍ଦ୍ର ପାଣିଗ୍ରାହୀ, ସଭାପତି କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ରାମଚନ୍ଦ୍ର ତରିଆ, ସଂପାଦକ ସୁକାନ୍ତ ରାଜହଂସ, ସହକାରୀ ସଂପାଦକ ଲକ୍ଷ୍ମୀକାନ୍ତ ଜାନୀ, ସଂଗଠନ ସଂପାଦକ ପ୍ରକାଶ ଚନ୍ଦ୍ର ବେହେରା, ମୋହନ ସାହୁ,ସାଂସ୍କୃତିକ ସଂଗଠନ ସଂପାଦକ ବିମଳ ବେହେରା, କୋଷାଧ୍ୟକ୍ଷ ଭାବେ ମହେଶ୍ୱର ମହାରଣାଙ୍କୁ ଚୟନ କରାଯାଇଥିଲା।

## ବିନିକାରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ବିନିକା,୨୬।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ହୋଟା ରେସିଡେଣ୍ଟରେ ଗୁରୁବାର ବିଜେଡି ପ୍ରତିଷ୍ଠା ଦିବସ ବରିଷ୍ଠ ନେତା ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସମ୍ମାନୀତ ଅତିଥିଭାବେ ଜିଲା ଉପ ସଭାପତି ରମେଶ ପୂଜାରୀ, ଯୁବ ବିଜୁ ଜନତା ଦଳ ସଭାପତି ଅଶୋକ ନନ୍ଦ, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ନଗରପାଳ ସୁବାସ ଚନ୍ଦ୍ର ଭୁଏ, ବରିଷ୍ଠ ନେତା ଝସକେତନ ବଘାର, ରଞ୍ଜିତ ରଥ, ରତନ କୁମାର ପଧାନ ପ୍ରମୁଖ ଯୋଗଦେଇଥିଲେ। ନେତୃବୃନ୍ଦ ବିଜୁବାବୁଙ୍କ ଜୀବନୀ, ନବୀନ ପଟ୍ଟନାୟକଙ୍କର ଓଡ଼ିଶା ପାଇଁ ଅବଦାନ ବିଷୟରେ କହିଥିଲେ। ନଗର ସଭାପତି ସୋମନାଥ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ନେତା ଅମୀୟ ରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ।

# ବିରାଟ କ୍ରିକେଟ କ୍ଲବ୍ କୋଲକାତା ସେମିରେ

ଅମରପାଲି,୨୬।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୨୮ତମ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ପୁଲ ବି ପ୍ରଥମ ମ୍ୟାଚରେ ଏସଡିସିଏ ସୋନପୁରକୁ ହରାଇ ବିରାଟ କ୍ରିକେଟ କ୍ଲବ କୋଲକାତା(ୱେଷ୍ଟବେଙ୍ଗଲ) ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଟି-୨୦, ଟି-୧୦ ଓ ସୁପର-୨ ଫର୍ମାଟରେ ହୋଇଥିଲା। ବିରାଟ କ୍ରିକେଟ କ୍ଲବ କୋଲକାତା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ କରିଥିଲା। ଦଳର ପ୍ରଶାନ୍ତ ସିଂ ୨୯ ଓ ସୁଶାନ୍ତ ସିଂହା ୨୮ ରନ କରିଥିଲେ। ସୋନପୁରର ସୁମନ ମହାରଣା ଓ ଶୁଭମ ବିଷ୍ଟ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ନେଇଥିଲେ। ସୋନପୁର ଦଳ ଆବଶ୍ୟକ ୧୦୮ ରନକୁ ୧୧.୫ ଓଭରରେ ୬ ଉଇକେଟ ହରାଇ ହାସଲ କରିଥିଲା। ଦଳର ବରୁଣ ଦାସ ୩୦ ଓ ଋଷି ମେହେର ୨୯ ରନ କରିଥିଲେ। କଲିକତାର ସୃୟାଂଶ ତିୱାରୀ ୩ଟି ଉଇକେଟ ନେଇଥିଲେ। ଟି-୧୦ ଫର୍ମାଟରେ କୋଲକାତା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୯ ଉଇକେଟ ହରାଇ ୮୬ ରନ କରିଥିଲା। ଦଳର ପ୍ରଶାନ୍ତ ସିଂ ୨୮ ରନ କରିଥିଲେ। ସୋନପୁରର କେ. ଜି.କ୍ରିଷ୍ଣା, ପୁରୁଷୋତ୍ତମ ପାତ୍ର ଓ ଶୁଭମ ବିଷ୍ଟ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୫୪ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ସୁପର -୨ ଓଭର ଖେଳା ହୋଇଥିଲା। ଏଥିରେ ସୋନପୁର ପ୍ରଥମେ ବ୍ୟାଟିଂ କରି ୨ ଓଭରରେ ୨୩ ରନ କରିଥିବା ବେଳେ କୋଲକାତା ୨୪ ରନ କରି ବିଜୟୀ ହୋଇଥିଲା। ଫଳରେ କୋଲକାତା ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ପ୍ରାରମ୍ଭରେ ସୁବଲୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଇଂ. ବବ୍ରୁ ବାହାନ ପ୍ରଧାନ, ବାଗବର ୟୁପି ସ୍କୁଲ ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁ ଓ ବିଶିଷ୍ଟ ବ୍ୟବସାୟୀ ନିର୍ମଳ ନେଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଲିକତା ର ପ୍ରଶାନ୍ତ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।



କୋଲକାତା ର ପ୍ରଶାନ୍ତ ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

**୨୮ତମ ସର୍ବ ଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍**

**ପ୍ରଶାନ୍ତ ସିଂ ମ୍ୟାନ ଅଫ ମ୍ୟାଚ**

## ବାଇକକୁ ପିଟିଲା ବାଇକ, ଆରୋହୀ ମୃତ

ବିନିକା, ୨୬।୧୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା-ରାମପୁର ରାସ୍ତାର ଭବାନୀପାଲି ଛକରେ ବୁଧବାର ବିଳମ୍ବିତ ରାତିରେ ଦୁଇ ବାଇକ ମୁହାଁମୁହିଁ ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବହୁବସା ଗ୍ରାମର କୃଷ୍ଣ ତାଣ୍ଡି(୨୫)। କୃଷ୍ଣ ଓ ନରେଶ ବାରିକ(୨୪)କମିରାରୁ ଧନୁଯାତ୍ରା ଦେଖି ବାଇକରେ ଫେରୁଥିବା ବେଳେ ଭବାନିପାଲି ଛକ ମଧ୍ୟ ଭାଗରେ ଥିବା ପୋଲ ଉପରେ ଦ୍ରୁତଗତିରେ ଆସୁଥିବା ଏକ ବାଇକ ସେମାନଙ୍କୁ ଧକ୍କା ଦେଇଥିଲା। ଏହାପରେ ସମ୍ପୃକ୍ତ ବାଇକ ଆରୋହୀ ସେଠାରୁ ଫେରାର ହୋଇଯାଇଥିବା ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ନରେଶ କହିଛନ୍ତି। ନରେଶଙ୍କୁ ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ବିନିକା ଥାନାରେ ମୃତକଙ୍କ ଭାଇ ନାରାୟଣ ତାଣ୍ଡି ଏ ନେଇ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ଗୁରୁବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାସ୍ଥଳରୁ ଓଆର ୧୭ ଇ ୮୮୦୯ ନମ୍ବର ବାଇକକୁ ଜବତ କରାଯାଇ ଅଧିକ ତଦନ୍ତ ଚାଲିଥିବା ଏସଆଇ ଗୋବର୍ଦ୍ଧନ ନାୟକ କହିଛନ୍ତି ।

# ମରାମତି ଅଭାବରୁ ରାସ୍ତା ଶୋଚନୀୟ

ଖୁଣ୍ଟିଗୋରା,୨୬।୧୨(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର କାକେନଜୋର ଠାରୁ ନାରାୟଣପ୍ରସାଦ ପଞ୍ଚାୟତ ଲୁଣ୍ଡୁରୁବାହାଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଅବସ୍ଥା ମରାମତି ଅଭାବରୁ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏହି ରାସ୍ତା ବନବିଭାଗ ଅଧୀନରେ ରହିଛି। ରାସ୍ତାର ଅନେକ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହୁଛି । ଫଳରେ ଲୋକେ ଯାତାୟତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ । ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବିପୁଳ ଅର୍ଥ ବିନିଯୋଗ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଲୋକେ ରାସ୍ତା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାର ମରାମତି କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ୮ ଦିନ ହେଲା ଅନ୍ଧାରରେ ୭୦ ପରିବାର

ଖୁଣ୍ଟିଗୋରା,୨୬।୧୨(ମକରନ୍ଦ ସାହୁ)

**୨ବର୍ଷରେ ୪ଥର ପୋଡ଼ିଲାଣି ଟ୍ରାନ୍ସଫର୍ମର**

ସରକାର ସମସ୍ତ ପରିବାରକୁ ୨୪ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ୮ଦିନ ହେଲା ୭୦ପରିବାର ଅନ୍ଧାରରେ ଅଛନ୍ତି। ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅମ୍ବଗାଁ ଗ୍ରାମପଞ୍ଚାୟତର କୁରୁକୁପା ଗ୍ରାମରେ। ଏହି ଗ୍ରାମରେ ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗିଛି । ୨ ବର୍ଷରେ ୪ ଥର ପୋଡିଲାଣି। ଗତ ୩ ମାସ ତଳେ ମଧ୍ୟ ଏକ ୨୫କେଭି ଟ୍ରାନ୍ସଫର୍ମର ପୋଡ଼ିଥିଲା। ଫଳରେ ଗ୍ରାମବାସୀ ୬୫କେଭି ଟ୍ରାନ୍ସଫର୍ମର ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଫଳରେ ଅନ୍ଧାରରେ ଉପଭୋକ୍ତମାନେ ଦିନ କାଟୁଛନ୍ତି। ଲାଇନ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ରାତିରେ ଚୋରି, ଡକାୟତି ହେବାର ମଧ୍ୟ ଆଶଙ୍କା ରହିଛି। ଜିଲା ପ୍ରଶାସନ ତୁରନ୍ତ ନୂତନ ଟ୍ରାନ୍ସଫର୍ମର ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ବାଉଁଶୁଣୀ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାଉଁଶୁଣୀ,୨୬।୧୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆଠାରେ ଚତୁର୍ଥ ବାଉଁଶୁଣୀ ଲୋକ ମହୋତ୍ସବ -୨୦୨୫ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସଭାପତି ଉମା ଶଙ୍କର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପୂର୍ବ ମହୋତ୍ସବର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଆସନ୍ତା ବର୍ଷ ଫେବୃଆରୀ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ମହୋତ୍ସବ ଆୟୋଜନ ପାଇଁ ବୈଠକରେ ସ୍ଥିର କରାଯାଇଛି। ମହୋତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଛି । ମହୋତ୍ସବର ଖର୍ଚ୍ଚ କାଟ ସହ ଅଦରକାରୀ ଖର୍ଚ୍ଚ କାଟ କରିବାକୁ ଆଲୋଚନା ହୋଇଥିଲା। ଉପ ସଭାପତି ମନୋଜ କୁମାର ଗାଇଗୋରିଆଙ୍କ ସମେତ ସମସ୍ତ କମିଟି ସଦସ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରଚାର ପ୍ରସାର କମିଟିରେ ସୁମନ୍ତ ମେହେର, ଦେବାଶିଷ ନେପାକ ଓ ଶରତ ମୁଦୁଲିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ସଭାପତି ଉମାଶଙ୍କର ପାଢ଼ୀ, ସମ୍ପାଦକ ସୀତାକାନ୍ତ ସିଂଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ କମିଟି ସଦସ୍ୟ ଉତ୍ତମ କୁମାର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ ।



## ବିଜେଡି ଏକ ଆନ୍ଦୋଳନ: ପ୍ରଦୀପ ଅମାତ

ବୌଦ୍ଧ,୨୬।୧୨(ଅଜିତ କୁମାର ବାରିକ)

ଗୁରୁବାର ବୌଦ୍ଧରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ଟାଉନହଲଠାରେ ପାଳିତ ହୋଇଯାଇଛି। ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ବର୍ଷର ସ୍ଥିର ଶାସନ ଓଡ଼ିଶାକୁ ବିକାଶ କ୍ଷେତ୍ରରେ ଆଗୁଆ ରାଜ୍ୟରେ ପରିଣତ କରିଥିବା ମତବ୍ୟକ୍ତ କରିଥିଲେ । ସେ ଆହୁରି କହିଥିଲେ, ବିଜେଡି ଏକ ରାଜନୈତିକ ଦଳ ନୁହେଁ ଏହା ଏକ ଆନ୍ଦୋଳନ । ସବୁବେଳେ ଲୋକଙ୍କ ସେବା ପାଇଁ ସମର୍ପିତ ହୋଇଆସିଛି ବୋଲି କହିଥିଲେ । ସେହିପରି ଦଳର ଯୁବନେତା ତଥା ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ବିଗତ ନିର୍ବାଚନ ଫଳାଫଳ ନେଇ ଦଳୀୟ କର୍ମୀମାନେ ପରସ୍ପର ଦୋଷାରୋପ ନ କରି ଲୋକଙ୍କ ସହିତ ମିଶି ସେମାନଙ୍କର ଦୁଃଖ ସୁଖରେ ସାମିଲ ହେଲେ ଏହାର ସୁଫଳ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ମିଳିବ ବୋଲି ପରାମର୍ଶ ଦେଇଥିଲେ। ସେହିପରି ଅନ୍ୟତମ ଯୁବନେତା ଅବକାଶ ସାହୁ ବର୍ତ୍ତମାନ ରାଜ୍ୟରେ ପିସି ସରକାର ଚାଲିଛି ବୋଲି କହି ସମାଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ଜିଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଅରୁଣ କୁମାର ପ୍ରଧାନ,ବିଜେଡିର ରାଜ୍ୟ ଯୁଗ୍ମ ସଂପାଦକ ଅଶୋକ କୁମାର ସାହୁ, ଦଳର ଜିଲା କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ ଓ ବରିଷ୍ଠ ନେତା ପ୍ରଦିପ କୁମାର ସାହୁ ଯୋଗ ଦେଇଥିଲେ। ନଗରପାଳ ବିଜେଡିର କର୍ମୀମାନେ ଆତ୍ମସମୀକ୍ଷା କରିବା ସହିତ ଶୃଙ୍ଖଳିତ ଭାବରେ ଲୋକଙ୍କ ସେବା କଲେ ଦଳର ହୃତ ଗୌରବ ପୁଣିଥରେ ନିଶ୍ଚୟ ଫେରିବ ବୋଲି କହିଥିଲେ। ବୌଦ୍ଧ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରୁ ଛାମୁଆ ନେତା ଓ ଦଳର ସକ୍ରିୟ କର୍ମୀମାନେ ସାମିଲ ହେବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ।

ବିଜେଡିର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ନେତା।



# ବିଜେଡିର ଭବିଷ୍ୟତ ଉଜ୍ଜ୍ୱଳ: ନିରଞ୍ଜନ

ସୋନପୁର,୨୬।୧୨(ମୃତ୍ୟୁଞ୍ଜୟ ଶତପଥୀ)

ବିଜୁ ଜନତା ଦଳ ଗୁରୁବାର ପାଳନ କରିଛି ୨୮ତମ ପ୍ରତିଷ୍ଠା ଦିବସ। ଏହି ଅବସରରେ ସୁବର୍ଣ୍ଣପୁର ଟାଉନ ହଲଠାରେ ସୋନପୁର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ ସମାରୋହ ଆୟୋଜନ ହୋଇଥିଲା। ବିଜେଡି ଜିଲା ସଭାପତି ତଥା ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର କମ୍ପ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ସୋନପୁର ବିଧାୟକ, ପ୍ରାକ୍ତନ ମନ୍ତ୍ରୀ ତଥା ଓଡିଶା ବିଧାନସଭା ପବ୍ଲିକ୍ ଆକାଉଣ୍ଟସ୍ କମିଟି ଅଧ୍ୟକ୍ଷ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ନିରଞ୍ଜନ କହିଥିଲେ ୧୯୯୭ ଡିସେମ୍ବର ୨୬ତାରିଖରେ ବିଜେଡି ଦଳ ପ୍ରତିଷ୍ଠା ହୋଇଥିଲା। ଓଡ଼ିଶାବାସୀଙ୍କ ଆର୍ଶୀର୍ବାଦ ପାଇଁ ବିଜେଡି ପାଞ୍ଚ ଥର କ୍ଷମତାକୁ ଆସି ସେବା କରିବାର ସୁଯୋଗ ପାଇଛି। ଗତ ୨୪ବର୍ଷ ମଧ୍ୟରେ ବିଜେଡି ସରକାର ଓଡିଶାକୁ ଏକ ସମୃଦ୍ଧ ଓ ସଶକ୍ତ ରାଜ୍ୟର ପରିଚୟ ଦେଇପାରିଛି। ଲୋକଙ୍କ ଭଲପାଇବା ଓ କର୍ମୀଙ୍କ ପରିଶ୍ରମ ଯୋଗୁଁ ବିଜେଡି ଏକ ମଜଭୁତ ଆଞ୍ଚଳିକ ଦଳ ଭାବେ ପ୍ରତିଷ୍ଠା ପାଇଛି। ଭାଜପାର ମିଛକୁ କାଉଣ୍ଟର କରି ନପାରି ଆମେ ନିର୍ବାଚନରେ ପରାଜିତ ହେଲୁ। ତେବେ ଅଳ୍ପ ଦିନରେ ଲୋକେ ସବୁ କଥା ବୁଝି ସାରିଲେଣି। ବିଜେଡିର ଭବିଷ୍ୟତ ଉଜ୍ଜ୍ୱଳ । ଲୋକଙ୍କ ହକ୍ ପାଇଁ ଦଳ ଲଢି ଆସିଛି, ଆଗକୁ ବି ଲଢିବ ବୋଲି ନିରଞ୍ଜନ କହିଛନ୍ତି। ବିଜେଡି ଜିଲା ସଭାପତି କମ୍ପ କହିଥିଲେ ନବୀନଙ୍କ ଶାସନ ସମୟରେ ରାଜ୍ୟରେ ଗରିବୀ କମିଛି। ଗ୍ରାମାଞ୍ଚଳ, ସହରାଞ୍ଚଳ ଭିତ୍ତିଭୂମିର ବିକାଶ ଘଟିଛି। ତେଣୁ କର୍ମୀମାନେ ତୃଣମୂଳସ୍ତରକୁ ଯାଇ ଦଳକୁ ମଜଭୁତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମାରୋହରେ ଅଭିମନ୍ୟୁ କୁଶଳ, କଇରୁ ସ୍ୱାଇଁ, ରମେଶ ପୂଜାରୀ, ହିମାଂଶୁ ବିଶ୍ୱାଳ, ସୁପାର ଠେଲା, ପ୍ରକାଶ ସାହୁ, ପ୍ରହଲ୍ଲାଦ ନାୟକ, କରମଚାନ୍ଦ ମହାନ୍ତି, ମଧୁସୂଦନ ଓତା, ଶଙ୍କର ପ୍ରସାଦ ସା, ଜନ୍ମେଜୟ ପାତ୍ର, ଆନନ୍ଦ ବିହାରୀ ଶତପଥୀ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ମିତା ନାୟକ, ରୀତାଞ୍ଜଳି ପାତ୍ର, ଶତୃଘ୍ନ ପୃଷ୍ଟି, ମକରଧ୍ୱଜ ସାହୁ ଓ ପ୍ରମୋଦ ଧରୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେଡି ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋନପୁର ନିର୍ବାଚନମଣ୍ଡଳୀର ବିଜେଡିର ସମସ୍ତ ବରିଷ୍ଠ ନେତୃବୃନ୍ଦ, ମହିଳା, ଯୁବକ ଓ ଛାତ୍ର ନେତାଙ୍କ ସମେତ ଦଳ ସମର୍ଥୀତ ଜିଲା ପରିଷଦ ସଦସ୍ୟ, କାଉନସିଲର, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ରାମପୁର ସରପଞ୍ଚ ମନୋଜ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଧାୟକ ନିରଞ୍ଜନ ଓ ବରିଷ୍ଠ ନେତାମାନେ ବିଜୁ ପଟ୍ଟନାୟକ ଛକ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

**ବିଜେଡି ପ୍ରତିଷ୍ଠା ଦିବସ ସମାରୋହ**

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ଲହୁଣୀପଡା,୨୬।୧୨(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ତାଳବାହାଳି ପଞ୍ଚାୟତ ଖଣ୍ଡାଧାର ରାସ୍ତାର ତାଳବାହାଳି ନିକଟରେ ଗୁରୁବାର ମଧ୍ୟାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲକା ଭୂମିଜ(୬୩)। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାଲକା ରାସ୍ତା କଡରେ ଛିଡା ହୋଇଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୁନାଘାଟିରେ ଦୁର୍ଘଟଣା:ଚାଳକ ମୃତ

ଲହୁଣୀପଡା,୨୬।୧୨(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଚୁନାଘାଟିରେ ବୁଧବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ଗିରିଡିହି ଜିଲାର ଦେଓରୀ ଗ୍ରାମର ବିକ୍ରମ କୁମାର ରାୟ (୨୫)। କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ,କୋଇଡା ଖଣି ଅଞ୍ଚଳରୁ ଓଡି -୯ପି -୧୭୭୪ ଟ୍ରକଟି ଲୁହାପଥର ବୋଝେଇ ପଟାସାହି ରେଲୱେ ପ୍ଲଟକୁ ଆସୁଥିବା ବେଳେ ଚୁନାଘାଟିଠାରେ ଆଗରେ ଯାଉଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା।

### ମହିଳା ନିଖୋଜ, ଥାନାରେ ଏତଲା

କୁଆଁରମୁଣ୍ଡା,୨୬।୧୨(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିର ଗ୍ରାମର ନବ ବିବାହିତା ମହିଳା ରୋଷନୀ ତିର୍କୀ(୨୧) ରାଉରକେଲା ଅଞ୍ଚଳକୁ କାମ କରିବାକୁ ଯାଇ ନିଖୋଜ ଅଛନ୍ତି। ଏନେଇ ତାଙ୍କ ସ୍ୱାମୀ ରବୀନ୍ଦ୍ର ତିର୍କୀ ଗୁରୁବାର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ବୀରମିତ୍ରପୁର ଥାନାରେ ଏ ନେଇ ଏକ ମାମଲା(୫୦/୨୦୨୪) ରୁଜୁ ହୋଇଛି। ଥାନା ଅଧିକାରୀ ରାମ ପ୍ରସାଦ ନାଗ ଘଟଣାର ତଦନ୍ତ ଜାରି ରଖିଛନ୍ତି। ନିଖୋଜ ମହିଳା ଚଳିତ ମାସ ୧୮ ତାରିଖରୁ ରାଉରକେଲାକୁ କାମ କରିବାକୁ ଯାଇ ଏ ପର୍ଯ୍ୟନ୍ତ ଘରକୁ ଫେରି ନ ଥିବା ଏତଲାରେ ଦର୍ଶାଯାଇଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଠାବ

ବାଲିଶଙ୍କରା,୨୬।୧୨(ହୃଦାନନ୍ଦ ବାରିକ): ତଳସରା ଥାନା ଅନ୍ତର୍ଗତ ଯମୁନା ପଞ୍ଚାୟତ ମୟାବାହାଲ ଗ୍ରାମ ଇବନଦୀ ନିକଟରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି। ମୃତ ବ୍ୟକ୍ତି ହେଲେ ବାଲିଶଙ୍କରା ଭାଠିପଡାର ମଙ୍ଗଳ ବାର୍ଲା(୪୫)। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମୃତ ବ୍ୟକ୍ତିଙ୍କ ପରିବାର ତଳସରା ଥାନାରେ ଲିଖିତ ଜଣାଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ମୟାବାହାଲ ଗ୍ରାମ ଇବନଦୀ ନିକଟରେ ମୃତଦେହ ପଡିଥିବା ଗାଈ ଚରାଳିମାନେ ଦେଖିବାକୁ ପାଇଥିଲେ। ପରେ ସରପଞ୍ଚଙ୍କୁ ଜଣାଇଥିଲେ। ମଙ୍ଗଳ ଗତ ୨୫ରୁ ନିଖୋଜ ଥିଲେ।

# ଦାବି ପୂରଣ ପ୍ରତିଶ୍ରୁତି ପରେ ପ୍ରତିବାଦ ସଭା ସ୍ଥଗିତ

ଲହୁଣୀପଡା,୨୬।୧୨(ଦାଶରଥି ପଣ୍ଡା)



ସଭାରେ ଉପସ୍ଥିତ ଭାଜପା କର୍ମୀ ଓ ଅନ୍ୟମାନେ।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଶସ୍ୟକଳା ପଞ୍ଚାୟତ ବରସୁଆଁ ସେଲ ମୁଖ୍ୟ ଫାଟକ ସମ୍ମୁଖରେ ୮ ଦିନ ଧରି ଚାଲିଥିବା ପ୍ରତିବାଦ ସଭା ଗଣଧାରଣା ଗୁରୁବାର ପ୍ରତ୍ୟାହାର ହୋଇଛି। ଭାରତୀୟ ଜନତା ପାର୍ଟି, ବଣେଇ ସାଙ୍ଗଠନିକ ଜିଲା ପକ୍ଷରୁ ୬ଦଫା ଦାବି ପୂରଣ ନିମନ୍ତେ "ପ୍ରତିବାଦ ସଭା" ଜିଲା ସଭାପତି ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବରସୁଆଁ ସେଲ୍ କର୍ତ୍ତୃପକ୍ଷଙ୍କଠାରୁ ପ୍ରତିଶ୍ରୁତି ମିଳିଲାପରେ ଗୁରୁବାର ଭାଜପା ପକ୍ଷରୁ ପ୍ରତିବାଦକୁ ପ୍ରତ୍ୟାହାର କରାଯାଇଛି। ବଣାଇଁ ଉପଖଣ୍ଡ ଅଞ୍ଚଳର ଶତ ପ୍ରତିଶତ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଖଣି ଖାଦାନରୁ କଞ୍ଚାମାଲ ପରିବହନ ପାଇଁ ବାହାର ରାଜ୍ୟର ପରିବହନ ସଂସ୍ଥା ଗୁଡ଼ିକୁ କାମ ନ ଦେଇ ସ୍ଥାନୀୟ ପରିବହନ ସଂସ୍ଥାକୁ କାମ ଦେବା, କୁଶଳୀ ଶ୍ରମିକଙ୍କୁ ଉଚିତ ପ୍ରାପ୍ୟ ଦେବା, ପରିବେଶ ପ୍ରଦୂଷଣକୁ ରୋକିବା, ଉପଖଣ୍ଡର ମହିଳାଙ୍କୁ ଖଣିରେ ନିଯୁକ୍ତି କ୍ଷେତ୍ରରେ ପ୍ରାଥମିକତା ଦେବା ଆଦି ଦାବି ନେଇ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଭାଜପା ବଣେଇର ଏକ ପ୍ରତିନିଧି ମଣ୍ଡଳୀ ତାଳଡିହି ଲୌହ ଖଣି ତଥା ଆଦାନୀ ଗ୍ରୁପର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନାରେ ଭାଜପା ପ୍ରତିନିଧି ମଣ୍ଡଳୀରେ ଜିଲା ସଭାପତିଙ୍କ ସହ ପ୍ରଦୀପ କୁମାର ସ୍ୱାଇଁ, ଗୁରୁ ଚରଣ ଓରାମ, ବାଗୁନ୍ ଗାଗରାଇ, କର୍ମତି ଓରାମ, ରାହାସ ବିହାରୀ ପ୍ରଧାନ, ଅଭିରାମ ମହାକୁଲ, ଚେତନ ଦିପ୍ତ ନାଏକ, ଶଙ୍କର ଲୋହାର ଏବଂ ସେଲ୍ ତାଳଡିହି ଲୌହ ଖଣି ପକ୍ଷରୁ ବରିଷ୍ଠ ଅଧିକାରୀ ରାଜେଶ କୁମାର, ଏନ. ସି ପାଢ଼ୀ ତଥା ଆଦାନୀ ଗ୍ରୁପର ଅଜିତ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଭାଜପା ପକ୍ଷରୁ କରାଯାଇଥିବା ଦାବି ଗୁଡ଼ିକୁ ପୂରଣ କରାଯିବ ବୋଲି ପ୍ରତିଶ୍ରୁତିଦେବା ପରେ ପ୍ରତିବାଦ ସଭାକୁ ପ୍ରତ୍ୟାହାର କରାଯାଇଥିବା ଜଣାପଡିଛି।

# ବିଜେଡିର ପ୍ରତିଷ୍ଠା ଦିବସ, ସଭ୍ୟ ସଂଗ୍ରହ ଅଭିଯାନ


କାର୍ଯ୍ୟକ୍ରମରେ ମଞ୍ଚାସୀନ କର୍ମକର୍ତ୍ତା।

ବଣାଇଁ,୨୬।୧୨(ପ୍ରଦୀପ ତ୍ରିପାଠୀ)

ବଣାଇଁ ନିର୍ବାଚନ ମଣ୍ଡଳୀରେ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଆଦିବାସୀ ଉନ୍ନୟନ ସଭାକକ୍ଷଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ବିଜେଡି ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ବିଜୁ ଛକ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବଣାଇଁ ଆଦିବାସୀ ଉନ୍ନୟନ ସଭାକକ୍ଷଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ବିଧାୟକ ପ୍ରାର୍ଥୀ ଭୀମସେନ ଚୌଧୁରୀ, ବଣାଇଁ ବ୍ଲକ ସଭାପତି ରଘୁନାଥ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିଷାନ, ବରିଷ୍ଠ ନେତା ରତ୍ନାକର କିଷାନ, ଗୁରୁଣ୍ଡିଆ ବ୍ଲକ ସଭାପତି ରାହାସ୍‌ୱାଲ ଓରାମ, ଲହୁଣୀପଡ଼ା ବ୍ଲକ କାର୍ଯ୍ୟକାରୀ ସଭାପତି ଗୁରୁଚରଣ ସ୍ୱାଇଁ, ବରିଷ୍ଠ ନେତା ବାଣେଶ୍ୱର ସାହୁ ମଞ୍ଚାସୀନ ଥିଲେ। ବରିଷ୍ଠ ନେତା କୁମାର ଗୌତମ ବାରିକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଣାଇଁ ବିଜେଡିର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସମେତ ୨ ଶହରୁ ଉର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଅଶୋକ ବେହେରା, ସିଙ୍ଗରାୟ ମୁଣ୍ଡା, ରମେଶ ନାୟକ, ସଞ୍ଜୟ ଦାଶ, କେଦାର ମହାନ୍ତ, ଲକ୍ଷ୍ମୀ କିଷାନ, ସୁମିତ୍ରା ଚାରଦିଆ, ଦ୍ରୌପଦୀ କିଷାନ, ଇନ୍ଦିରା ବଡା, ମାଳତୀ କିଷାନଙ୍କ ସମେତ ଯୁବ ନେତା ରୋହିତାଶ୍ୱ ମିଶ୍ର, ସିପୁନ ମିଶ୍ର, ସରୋଜ ମିଶ୍ର, ତାପସ କାଲୋ ପ୍ରମୁଖ ସହଯୋଗ କରିଥିଲେ।

# ଅଠରଗଡ ଫୁଲମାଳି ସମାଜର ବାର୍ଷିକ ମହୋତ୍ସବ


କୁସୁମ ଟେଟେଙ୍କ ସହିତ ମଞ୍ଚାସୀନ ଅତିଥି।

ହେମଗିର,୨୬।୧୨(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିରଠାରେ ଅଠରଗଡ ଫୁଲମାଳି ସମାଜ ସୁନ୍ଦରଗଡ ମଣ୍ଡଳର ଦ୍ୱାଦଶ ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଅଠରଗଡ ଫୁଲମାଳି ସମାଜ ସଭାପତି ପରସରାମ ପଟେଲ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ, ପୂର୍ବତନ ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ, ଉପସଭାପତି ସରିଆ କମଳେସ ପଟେଲ, ଉପସଭାପତି ରାୟଗଡ ଡୁଲାରାମ ମାଲାକାର, ସୁନ୍ଦରଗଡ ଉପସଭାପତି ରାଜୁ ପଟେଲ, ହେମଗିର ଗାଦିର ସରପଞ୍ଚ ପବିତ୍ର ମୋହନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହିଳା ମାନଙ୍କୁ ନେଇ ଝୋଟି ପ୍ରତିଯୋଗିତା, ଲକ୍ଷ୍ମୀ ପୁରାଣ ପଠନ, ମ୍ୟୁଜିକାଲ ଚେଆର ଆଦି ବିଭିନ୍ନ ପ୍ରକାରର ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମ୍ପାଦକ ତେଜରାମ ପଟେଲ, ଅଞ୍ଚଳାଧିକାରୀ ମଙ୍ଗସପୁର ଅନନ୍ତରାମ ପଟେଲ, ଅଞ୍ଚଳାଧିକାରି ସୁନ୍ଦରଗଡ ଡୋଲାମଣି ପାଣ୍ଡେ, ଯୁବ ସଭାପତି ପ୍ରେମାନନ୍ଦ ପଟେଲ, ଯୁବ ଉପସଭାପତି ସରୋଜ ପଟେଲ, ସମ୍ପାଦକ ନୀରଜ ପାଣ୍ଡେ, ଉପ ସମ୍ପାଦକ ଯଜ୍ଞନାରାୟଣ ନାଏକ,ସଞ୍ଜୟ ପଟେଲ, ଓମକାର ପଟେଲ, ରମେଶ ପାଣ୍ଡେ, ରୋହିତ ପଟେଲ, ଉମେଶ ପାଣ୍ଡେ ପ୍ରମୁଖ ଅଠରଗଡ ଫୁଲମାଳି ସମାଜ ସଭ୍ୟମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ। ପରେ କୃତି ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଲଳିତା ପଟେଲ ମଞ୍ଚ ପରିଚାଳନା କରିଥିଲେ।

# ଫରେଷ୍ଟ ଅଫିସ୍‌ରେ ଜଙ୍ଗଲ ନିଆଁ ସଚେତନତା ଶିବିର

ବଡ଼ଗାଁ,୨୬।୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜଙ୍ଗଲ ନିଆଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ପ୍ରଦୀପ କୁମାର ଭୂତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ରେଞ୍ଜ ଅଞ୍ଚଳର ସମସ୍ତ ବନ ସୁରକ୍ଷା ସମିତି ସଦସ୍ୟ, ଫାୟାର ସ୍କାର୍ଡ, ଗଜ ସାଥୀ ଓ ଫରେଷ୍ଟ ଗାର୍ଡମାନେ ଯୋଗଦେଇଥିଲେ। ରେଞ୍ଜର ପ୍ରଦୀପ କୁମାର ଭୂତିଆଙ୍କ ସହିତ ଫରେଷ୍ଟର ନୀତିନ କଛରିଆ, ତୃଷ୍ଣା ନାଏକ, ଜ୍ୟୋତ୍ସ୍ନା ମହାନନ୍ଦିଆ, ପ୍ରଜ୍ଞା ପରମିତା ସାମଲ ଶିବିରରେ ଉପସ୍ଥିତ ବନ ସୁରକ୍ଷା ସମିତି ସଦସ୍ୟମାନଙ୍କୁ ଜଙ୍ଗଲରେ ନିଆଁ ଲଗାଇବା ଦ୍ୱାରା ହେଉଥିବା କ୍ଷତି ଉପରେ ବୁଝାଇଥିଲେ। ଜଙ୍ଗଲରେ ନିଆଁ ଲାଗିଲେ ଉତ୍ତାପ ବୃଦ୍ଧି ସହିତ ବୃକ୍ଷ ହାନୀ ହୋଇଥାଏ ଓ ବାୟୁ ମଣ୍ଡଳ ପ୍ରଦୂଷିତ ହୋଇଥାଏ। ମା' ବାପାମାନେ ପିଲାଙ୍କୁ ଜଙ୍ଗଲ, ବିଲ, ରାସ୍ତା ପାର୍ଶ୍ୱରେ ନିଆଁ ନ ଲଗାଇବା ପାଇଁ ବୁଝାଇବାକୁ ପରାମର୍ଶ ଦେଇଥିଲେ। ଜଙ୍ଗଲରେ ନିଆଁ ଲାଗିଲେ ବ୍ୟାପକ କ୍ଷତି ହୋଇଥାଏ। ଫଳରେ ଗୃହପାଳିତ ପ୍ରାଣୀ ଓ ବନ୍ୟଜନ୍ତୁମାନେ ଖାଦ୍ୟାଭାବର ସମ୍ମୁଖୀନ ହୋଇଥାନ୍ତି। ଜଙ୍ଗଲରେ ନିଆଁ ଲାଗିଲେ ବନ ସୁରକ୍ଷା ସମିତି ସଦସ୍ୟମାନେ ବନ କର୍ମଚାରୀଙ୍କୁ ତୁରନ୍ତ ଜଣାଇବା ଓ କର୍ମଚାରୀଙ୍କୁ ନିଆଁ ଲିଭାଇବା କାମରେ ସାହାଯ୍ୟ କରିବାକୁ କହିଥିଲେ। ଏହାସହିତ ସମିତି କର୍ମକର୍ତ୍ତାମାନେ ପ୍ରତ୍ୟେକ ଗାଁରେ ବୈଠକ କରି ଗ୍ରାମବାସୀଙ୍କୁ ଜଙ୍ଗଲରେ ନିଆଁ ଲାଗିଲେ ହେଉଥିବା କ୍ଷତି ଉପରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ମହୁଲ ଫୁଲ ଗୋଟାଇବା ପାଇଁ ଲୋକେ ଗଛ ମୂଳେ ନିଆଁ ଲଗାଇ ଦେଉଥିବାରୁ ଏହା ବ୍ୟାପିଯାଇ ଜଙ୍ଗଲକୁ ଜାଳି ଦେଇଥାଏ। ଲୋକେ ମହୁଲ ଗଛ ମୂଳକୁ ଝାଡୁରେ ସଫାକରି ଗୋଟାଇଲେ ଜଙ୍ଗଲ ସୁରକ୍ଷାରେ ବଡ଼ ସହଯୋଗ ହୋଇପାରିବ ବୋଲି ରେଞ୍ଜର ଭୂତିଆ କହିଥିଲେ। ଗ୍ରାମବାସୀମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀମାନେ ବୁଝାଇଥିଲେ।


ପୁସ୍ତକ ଉନ୍ମୋଚିତ କରାଯାଉଛି।

# ବାଜପେୟୀଙ୍କ ବିଦେଶନୀତି ପୁସ୍ତକ ଉନ୍ମୋଚିତ

ସୁନ୍ଦରଗଡ,୨୬।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ତଥା ଓଏସଓୟୁର ସଂଯୋଜକଭାବେ କାର୍ଯ୍ୟରତ ଅଧ୍ୟାପକ ଡ. ରତନେଶ ରଞ୍ଜନଙ୍କ ଦ୍ୱାରା ଲିଖିତ ପୁସ୍ତକ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିଦେଶନୀତି ପୁସ୍ତକକୁ ରାଜ୍ୟପାଳ ଭବନରେ ଗତ ୨୧ ତାରିଖରେ ତତ୍କାଳୀନ ରାଜ୍ୟପାଳ ରଘୁବୀର ଦାସ ଉନ୍ମୋଚିତ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର ମାନପତ୍ର ସହିତ ଅର୍ଥରାଶି ଅଧ୍ୟାପକ ଡ. ରଞ୍ଜନଙ୍କୁ ପ୍ରଦାନ କରାଯାଇଛି। ଡ. ରଞ୍ଜନ ପୂର୍ବରୁ ବିହାର ରାଜ୍ୟରେ ବିଭିନ୍ନ ପ୍ରକାରର ସାମାଜିକ,ଶିକ୍ଷାବିତ କାର୍ଯ୍ୟକଳାପକୁ ନେଇ ବିହାର ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଉକ୍ତ ପୁସ୍ତକ ଉନ୍ମୋଚନ ଅବସରରେ ରାଜ୍ୟପାଳ ତାଙ୍କୁ ବହୁ ପ୍ରଶଂସିତ କରିବା ସହିତ ତାଙ୍କର ଉତ୍ତୋରତର କାମନା କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର କୁମାର ପଟେଲ, ମହାବିଦ୍ୟାଳୟର କୋଷରକ୍ଷକ ଭାବେ ଦାୟିତ୍ୱ ତୁଲାଉଥିବା ଗଣିତଜ୍ଞ ଅଧ୍ୟାପକ ଡ. ଆଲୋକ କୁମାର ନାଏକ ତଥା ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ପ୍ରଶଂସା କରିଥିଲେ। ଉକ୍ତ ପୁସ୍ତକ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିଦେଶ ନୀତି ଅନଲାଇନର ଫ୍ଲିପକାର୍ଡ ଓ ଆମାଜନରେ ଉପଲବ୍ଧ ରହିଥିବା କହିଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ବଣାଇଁ,୨୬।୧୨(ପ୍ରଦୀପ ତ୍ରିପାଠୀ)



ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ କେନ୍ଦ୍ରିକଳା ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ୧୪ ୱାର୍ଡ ମେମ୍ବରଙ୍କ ମଧ୍ୟରୁ ନାଏବ ସରପଞ୍ଚଙ୍କ ସହ ୧୧ ଜଣ ୱାର୍ଡ ମେମ୍ବର ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। କୌଣସି ପ୍ରଶାସନିକ ସହଯୋଗ ନ ପାଇବା କାରଣରୁ ଗତ ୨୩ରୁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତମ୍ବୁ ଲଗାଇ ଅହୋରାତ୍ର ଅନଶନରେ ବସିଛନ୍ତି। ରାଜ୍ୟ ୱାର୍ଡ ମେମ୍ବର ମହାସଂଘ ଘଟଣାରେ ହସ୍ତକ୍ଷେପ କରି ସଭାପତି ସନ୍ତୋଷ କୁମାର ସାହୁ ଓ ସମ୍ପାଦକ ପରମାନନ୍ଦ ନାୟକ ଧାରଣାରେ ବସିଥିବା ୱାର୍ଡ ସଭ୍ୟଙ୍କୁ ସମର୍ଥନ ଘୋଷଣା କରିଛନ୍ତି।

**ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

ଆସନ୍ତା୨ ତାରିଖ ମଧ୍ୟରେ ଫଳାଫଳ ନ ମିଳିଲେ ୩ ତାରିଖରୁ ଭୁବନେଶ୍ୱରଠାରେ ଆନ୍ଦୋଳନ ହେବ ବୋଲି ଗୁରୁବାର ସଂଘ ରାଜ୍ୟ ସଭାପତି ସନ୍ତୋଷ ସାହୁ ସୂଚନା ଦେଇଛନ୍ତି। ସରପଞ୍ଚଙ୍କ ବିରୋଧରେ ଅନେକ ଅଭିଯୋଗ ରହିଛି, ଅଭିଯୋଗର ତଦନ୍ତ କରିବା ଦୂର କଥା ଓଲଟା ୱାର୍ଡ ମେମ୍ବରମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବକୁ ଭଣ୍ଡୁର କରିବା ନେଇ ଚାଲିଥିବା ଚକ୍ରାନ୍ତକୁ ରାଜ୍ୟ ମହାସଂଘ ବରଦାସ୍ତ କରିବ ନାହିଁ। ସାରା ରାଜ୍ୟରେ ପ୍ରତିବାଦ କରି ଆନ୍ଦୋଳନ ଚାଲୁ ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଟେନ୍‌ସାରେ ସିପିଆଇଏମ୍‌ର ବିକ୍ଷୋଭ

ଟେନସା,୨୬।୧୨(ସମୀର କୁମାର ପାଢ଼ୀ)




ସଂସଦରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା ଦେଇଥିବା ବାବା ଭୀମରାଓ ଆମ୍ବେଡକରଙ୍କ ପ୍ରତି ମନ୍ତବ୍ୟକୁ କେନ୍ଦ୍ର କରି ଇସ୍ତଫା ଦାବି ନେଇ ଗୁରୁବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ସିପିଆଇଏମ୍ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ଜିଲା କମିଟି ସଭ୍ୟ ପ୍ରଭାତ ପଣ୍ଡା, କୋଇଡା ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ଜିଲା ପରିଷଦ ସଦସ୍ୟା ସୁଶିଳା ମୁଣ୍ଡା, ବାଦଲ ବାରିକ୍, ପ୍ରଭାତ ପାତ୍ର ପ୍ରମୁଖଙ୍କ ସହ ଶତାଧିକ କର୍ମୀ ବ୍ୟାନର ପୋଷ୍ଟର ଧରି କୋଇଡା ବ୍ଲକ୍ ଗେଟ୍ ସମ୍ମୁଖରେ ପ୍ରତିବାଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ। ପରେ କୋଇଡା ଖଣି ଉପନିର୍ଦ୍ଦେଶକଙ୍କ ଠାରେ ପହଞ୍ଚି ଖଣି ଗୁଡିକରେ ଅନିୟମିତତା ରୋକିବା ପାଇଁ ଦାବି ଜଣାଇଥିଲେ।

# ରାଜଗାଙ୍ଗପୁରରେ ବିଜେଡିର ପ୍ରତିଷ୍ଠା ଦିବସ

ରାଜଗାଙ୍ଗପୁର,୨୬।୧୨(ଅଶୋକ ପାଣି): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ଅନିଲ ବରୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁରର ବିଜୁପଟ୍ଟନାୟକ ଛକରେ ଥିବା ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ନେତୃବୃନ୍ଦଙ୍କ ଦ୍ୱାରା ବକ୍ତବ୍ୟମାନ ରଖାଯାଇଥିଲା। ସେଠାରୁ ବାହାରି ସରକାରୀ ଚିକିତ୍ସାଳୟରେ ରୋଗୀଙ୍କୁ ଫଳମୂଳ ବଣ୍ଟନ କରାଯାଇଥିଲା। ବିଜେଡିର ଅମରେଶ ପଣ୍ଡା, ବସନ୍ତ ଟପ୍ପୋ, ଜିଲା ପରିଷଦ ସଦସ୍ୟା ସୁସିଲା ଟପ୍ପୋ,ବ୍ଲକ ଅଧ୍ୟକ୍ଷା ସାବିନା ମିଞ୍ଜ, ଉପନଗରପାଳ ମହମ୍ମଦ ଇରଫାନ,ବିଭିନ୍ନ କାଉନସିଲର ଓ ଅନ୍ୟାନ୍ୟ ନେତୃବୃନ୍ଦ ତଥା କର୍ମୀବୃନ୍ଦ ଉପସ୍ଥିତ ଥିଲେ।

# ସିପିଆଇର ୧୦୦ତମ ପ୍ରତିଷ୍ଠା ଦିବସ

ସୁନ୍ଦରଗଡ,୨୬।୧୨(ଜୟ ନାରାୟଣ ମେଣ୍ଡୁଲି)


ପ୍ରତିଷ୍ଠା ଦିବସରେ ଉପସ୍ଥିତ ସିପିଆଇ କର୍ମୀମାନେ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୧୦୦ତମ ପ୍ରତିଷ୍ଠା ଦିବସ ଗୁରୁବାର ଟାଙ୍ଗରପାଲି ଜୋନ ତରଫରୁ ଉଜ୍ଜ୍ୱଳପୁରଠାରେ ପାଳିତ ହୋଇଯାଇଛି। ସିପିଆଇର ଜୋନ ସ୍ତରୀୟ ଶତବାର୍ଷିକୀ ପାଳନ ସମାରୋହରେ ବର୍ଷିୟାନ କମ୍ୟୁନିଷ୍ଟ ନେତା ନୀଳମଣି ମୋଇ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଜିଲା ସହସମ୍ପାଦକ ସୁନୀଲ ନାଏକ କମ୍ୟୁନିଷ୍ଟ ପାର୍ଟିର ସଂଘର୍ଷପୂର୍ଣ୍ଣ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଟାଙ୍ଗରପାଲି ଜୋନ ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ,ଯୁବ,ଛାତ୍ର, କୃଷକ, ଶ୍ରମିକ,ମହିଳା,ବୁଦ୍ଧିଜୀବୀ ସମସ୍ତ ବର୍ଗର ଲୋକଙ୍କୁ ସଙ୍ଗଠିତ କରି ଶ୍ରେଣୀ ସଂଘର୍ଷକୁ ତେଜିୟାନ କରାଇ ବୈପ୍ଳବିକ ମାର୍ଗରେ ସମାଜବାଦୀ ଭାରତ ଓ ସାମ୍ୟ ସମାଜ ଗଠନର ସଙ୍କଳ୍ପ ଓ ଅଭିଯାନର ବର୍ଷ ହେଉଛି ଶତବାର୍ଷିକୀ ବର୍ଷ ବୋଲି ଆହ୍ୱାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ ମୋହନ ଭୋଇ, କେଦାର ସା, ଭୋଳାନାଥ ଭୋଏ, ଦଶରଥ କିସାନ, ବ୍ରହ୍ମା କିସାନ, ରବୀନ୍ଦ୍ର ବେହେରା, ପ୍ରଶାନ୍ତ ଘାସି,ଗୋବିନ୍ଦ କିସାନ ପ୍ରମୁଖ ଉପସ୍ଥିତ ଥିଲେ।

**ବିହାବାଲି ଚାମ୍ପିୟନ**

# ଭୋଇପାଲିରେ କ୍ରିକେଟ୍ ଟୁର୍ନାମେଣ୍ଟ

ବଡ଼ଗାଁ,୨୬।୧୨( ଅଶୋକ ଷଡ଼ଙ୍ଗୀ)


ଅତିଥିଙ୍କ ସହିତ ଉଭୟ ଟିମ୍‌ର ଖେଳାଳି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ଗ୍ରାମରେ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଭୋଇପାଲି ଗ୍ରାମର ଜଂଘା ବଡଦେଓ ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ସଞ୍ଜୀବ ପଟେଲ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ବିହାବାଲି ଓ ଭୋଇପାଲି ମଧ୍ୟରେ ହୋଇଥିଲା। ଭୋଇପାଲି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୩ ରନ୍ କରିଥିଲେ। ଜବାବରେ ବିହାବାଲି ଟିମ୍ ୯ ଓଭର ୨ ବଲରେ ବିଜୟ ଲକ୍ଷ୍ୟ ପୂରଣ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ଉଦଯାପନୀ ଉତ୍ସବରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ମହେଶ୍ୱର ବରିହା, ପିଣ୍ଟୁ ନାଏକ, ଶିଶିର ପଟେଲ, ଗୋପାଳ ପଟେଲ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ବିହାବାଲି ଟିମ୍‌କୁ ୧୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ଭୋଇପାଲି ଟିମ୍‌କୁ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ବଡ଼ଗାଁ କ୍ରିକେଟ କ୍ଲବ୍‌ର ବରିଷ୍ଠ ଖେଳାଳି ସମ୍ବିତ ନାଏକ ଏବଂ ମୁନୁ ନାଏକ ଖେଳ ପରିଚାଳନା କରିଥିଲାବେଳେ ଆୟୋଜକ କ୍ଲବ୍‌ର ମଣ୍ଟୁ ଭୋଇ, ରାକେଶ ଭିଡ୍ରିୟା, ଅଫିସ ନାଏକ, ଦୁର୍ଯ୍ୟୋଧନ ଭିଡ୍ରିଆ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଗତ ୧୫ ବର୍ଷ ହେଲା କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ହୋଇଆସୁଛି।

# ହାତୀ ରହିଲେ ଜଙ୍ଗଲ ରହିବ

ଜମନକିରା,୨୬।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର ଜିଲା ଜମନକିରା ବନ୍ୟପ୍ରାଣୀ ବନାଞ୍ଚଳ ଭୋଜପୁର କାର୍ଯ୍ୟାଳୟରେ ଗଜସାଥୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମରା ଡିଏଫଓ ସମୀର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଜମନକିରା ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇ ହାତୀ-ମଣିଷ ଲଢେଇ ଏବଂ ଏହାର ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ। ହାତୀ ଏକ ଐତିହ୍ୟ ପ୍ରାଣୀ। ହାତୀ କ୍ଷୟ ହେଲେ ଜଙ୍ଗଲ ନଷ୍ଟ ହେବ। ଜଙ୍ଗଲ ନଷ୍ଟ ହେଲେ ପୃଥିବୀ ବିନାଶ ଆଡ଼କୁ ଗତି କରିବ। ହାତୀମାନେ ଜଙ୍ଗଲରେ ଖାଦ୍ୟ ନପାଇ ଗ୍ରାମାଭିମୁଖୀ ହେଉଛନ୍ତି। ଖାଦ୍ୟ ଅନ୍ୱେଷଣରେ ଆସି ଲୋକଙ୍କ କ୍ଷତି ପହଞ୍ଚାଉଛନ୍ତି। ତେଣୁ ହାତୀଙ୍କ ଖାଇବା ଯୋଗ୍ୟ ବୃକ୍ଷରୋପଣ କରାଗଲେ ଏସବୁ ସମସ୍ୟାରୁ କିଛିଟା ଲାଭ ମିଳିବ ବୋଲି ସେ କହିଥିଲେ। ଡିଏଫଓ ସାହୁ ତାଙ୍କ ବକ୍ତବ୍ୟରେ ହାତୀ ଓ ମଣିଷ ସଂଘର୍ଷକୁ ନେଇ ଆଲୋଚନା କରିଥିଲେ। ସମନ୍ୱୟ ରଖି ଆମେ ସମସ୍ତେ ଏହାର ମୁକାବିଲା ଓ ସମାଧାନ କରିବାକୁ ପଡିବ। ପ୍ରଗତି ପାଇଁ ଆମ୍ଭେମାନେ ପ୍ରକୃତିକୁ ନଷ୍ଟ କରିବା ଉଚିତ ନୁହେଁ। ହାତୀ ଜଙ୍ଗଲରେ ଭାରସାମ୍ୟ ରକ୍ଷା କରେ। ହାତୀ ରହିଲେ ଜଙ୍ଗଲ ରହିବ।

## ଗଜସାଥୀ ପ୍ରଶିକ୍ଷଣ ଶିବିରରେ ବକ୍ତାଙ୍କ ମତ

ଜଙ୍ଗଲ ରହିଲେ ଆମ୍ଭେମାନେ ସୁଖରେ ରହିବା ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥିଭାବେ ପ୍ରକୃତିବନ୍ଧୁ ଡା ହୃଦାନନ୍ଦ ନାୟକ, ଜମନକିରା ରେଞ୍ଜର ଲକ୍ଷ୍ମୀ ନାରାୟଣ ନାଏକ, କୁଚିଣ୍ଡା ରେଞ୍ଜର ଲେଖାରାଣି ମହାନନ୍ଦ, ବାମରା ରେଞ୍ଜର ଦୀପକ ମହାନନ୍ଦ, ବିଦ୍ୟୁତ୍ ବିଭାଗ ଅଧିକାରୀ ବ୍ରହ୍ମାନନ୍ଦ ସାହୁ, ପ୍ରାଣୀ ଚିକିତ୍ସକ ଭୁବନେଶ୍ୱର ସାହୁ, କୁଚିଣ୍ଡା ଏଏସଆଇ ହାଡ୍ରୁ ବେହେରା, ଜମନକିରା ଏଏସ୍ଆଇ ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭାଗ ପକ୍ଷରୁ ଯାହା କିଛି ଆବଶ୍ୟକ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ଏସିଏଫ ଆଲୋକ କୁମାର ଷଡଙ୍ଗୀ ପରିଚାଳନା କରିଥିଲେ। ଶେଷରେ ଉପସ୍ଥିତ ଗଜସାଥୀ, ବନ ବିଭାଗ ଫରେଷ୍ଟର, ଫରେଷ୍ଟ ଗାର୍ଡ, ବିଟ ଗାର୍ଡ, ଅଧିକାରୀ, କର୍ମଚାରୀ, ସରପଞ୍ଚ, ବିଭିନ୍ନ ବନ ସୁରକ୍ଷା ସମିତିରୁ ଆସିଥିବା ସଭ୍ୟାସଭ୍ୟ, ସଚେତନ ନାଗରିକଙ୍କୁ ନେଇ ପ୍ରଶ୍ନ-ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

କୁଚିଣ୍ଡା,୨୬।୧୨(ବିରଞ୍ଚି ଦର୍ଜ୍ଜା)

ସମ୍ବଲପୁର ଜିଲା କୁଚିଣ୍ଡା ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ବୁଧବାର ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଏହାସହ ୬୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୫ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଜମନକିରା ଥାନା ସୁଦବଲଣ୍ଡା (ରାଉତପଡା)ଗ୍ରାମର ରଞ୍ଜନ ବାଦିଙ୍ଗ ଜମନକିରା ଥାନା ଛେମଣ୍ଡା ଗ୍ରାମର ସାବିତ୍ରୀଙ୍କୁ ବିବାହ କରିଥିଲେ। ତାଙ୍କର ୮ ଓ ୫ ବର୍ଷର ୨ଟି ପୁତ୍ର ସନ୍ତାନ ଅଛନ୍ତି। ଘଟଣାଦିନ ଅର୍ଥାତ୍ ୧୦ ସେପ୍ଟେମ୍ବର ୨୦୨୨ରେ ରଞ୍ଜନଙ୍କ ବିଧବା ଶାଶୁ ତାଙ୍କ ଘରକୁ କୁଣିଆଁ ଆସିଥିଲେ। ରାତ୍ର ଭୋଜନ ପାଇଁ ୨ଟି କଇଁଛ ଆଣି ମାଂସ ତରକାରି କରି ସମସ୍ତେ ଖାଇଥିଲେ। ପରେ ଗାଁରେ ହେଉଥିବା କରମା ନାଚ ଦେଖିଯିବାକୁ ସ୍ତ୍ରୀଙ୍କୁ ରଞ୍ଜନ ଟଙ୍କା ମାଗିଥିଲେ। ହେଲେ ସ୍ତ୍ରୀ ଟଙ୍କା ଦେବାକୁ ମନାକରିବାରୁ ତାଙ୍କ ସହ ଝଗଡାକରି ଏକ ବାଉଁଶ ନଳୀରେ ପିଟିବା ପରେ ଏକ ବଡ ପଥର ଆଣି ଛାତିରେ କଚାଡି ତାଙ୍କୁ ହତ୍ୟା କରିଥିଲେ। ପରେ ନିଜ ଘର ପଛପଟ ବାଡିରେ ଗାତ ଖୋଳି ମୃତଦେହକୁ ପୋତି ଦେଇଥିଲେ। ଝିଅକୁ ତାଙ୍କ ଜ୍ୱାଇଁ ମାରିଦେଇଥିବା ନେଇ ଘରକୁ କୁଣିଆଁ ଆସିଥିବା ଶାଶୁ ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରେ ଜମନକିରା ଥାନାରେ ଅଭିଯୁକ୍ତଙ୍କ ଶାଶୁ ଏତଲା ଦେଇଥିଲେ।

## ସଂକ୍ଷେପରେ

# ବିଜେଡି ପ୍ରତିଷ୍ଠା ଦିବସ ପାଳିତ

ସମ୍ବଲପୁର,୨୬।୧୨(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲି ଛକ କାଇଁଶିର ରୋଡ଼ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ଦଳର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଦଳର ରାଜ୍ୟ ସାଧାରଣ ସମ୍ପାଦକ ଇଂ. ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସୁଃଖଦୁଃଖର ସାଥୀ ହୋଇ ସମ୍ବଲପୁରର ବିକାଶ ପ୍ରତି ସମର୍ପିତ ହେବାକୁ ଦଳୀୟ ନେତା ଓ କର୍ମୀ ଶପଥ ନେଇଥିଲେ। ଏହି ଉପଲକ୍ଷେ ହୀରାକୁଦ କଳ୍ପତରୁ ସେବାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏଥିପୂର୍ବରୁ ସକାଳେ ଇଂ. ଦାସଙ୍କ ନେତୃତ୍ୱରେ କର୍ମୀମାନେ ରେମେଡ଼ ଛକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ରାଜ କିଶୋର ଦାସ, ଜିଲା ବିଜେଡି ଉପସଭାପତି ଅଶୋକ ମହାକୁର, ସାଧାରଣ ସମ୍ପାଦକ ଦିଲୀପ ଦାଶ, ସମ୍ପାଦକ ତାପସ ପଲେଇ, କୃଷକ ନେତା ସୀତାକାନ୍ତ ପଣ୍ଡା, ରଚିନ୍ଦ୍ର କୁଅଁର, ଆଇନଜୀବୀ ଅଶୋକ ମହାପାତ୍ର, ପ୍ରିୟଦର୍ଶୀ ଅମିତାଭ ଷଡ଼ଙ୍ଗୀ, ଭରତ ସୁନା, ରାକ୍ଷୀ ମୁଣ୍ଡା, ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ଇଂ. ଦୀନେଶ ସେଠ ପ୍ରମୁଖ ଯୋଗ ଦେଇଥିଲେ।

# ନାଟକ ଥିଲା ଅଛେ ହେବା, ହେପ୍ପି ଏନିଭରସରି, ଏ...ରୋବୋ ମଞ୍ଚସ୍ଥ

ସମ୍ବଲପୁର,୨୬।୧୨(ବି.ଶଙ୍କର)


ସମର୍ପଣ ନାଟ୍ୟଅନୁଷ୍ଠାନ କଳାକାରମାନେ ଥିଲା ଅଛେ ହେବା ନାଟକ ପରିବେଷଣ କରୁଛନ୍ତି।

ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୭ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଗୁରୁବାର ରାତିରେ ନାଟକ ଥିଲା ଅଛେ ହେବା, ହେପ୍ପି ଏନିଭରସରି ଏବଂ ଏ...ରୋବୋ ମଞ୍ଚସ୍ଥ ହୋଇଯାଇଛି । ସମ୍ବଲପୁର ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚଠାରେ ବରଗଡ ଜିଲା ସମର୍ପଣ ନାଟ୍ୟ ଅନୁଷ୍ଠାନ କଳାକାରମାନେ ତୃତୀୟ ରଜନୀର ପ୍ରଥମ ନାଟକ ଥିଲା ଅଛେ ହେବା ମଞ୍ଚସ୍ଥ କରିଥିଲେ । ନାଟ୍ୟକାର ରାମାଶିଷ ତ୍ରିପାଠୀ ରଚନା କରିଥିବା ବେଳେ ସଞ୍ଜୟ ଶତପଥୀ ନିର୍ଦ୍ଦେଶନା ଦେଇଥିଲେ। ମଣିଷ ଓ ମଣିଷପଣିଆ ଭିତରେ ଅନେକ ଦୂରତ୍ୱ ରହିଛି। ମଣିଷ ସ୍ୱାର୍ଥ ସାଧନା ସକାଶେ ଅନ୍ୟମାନଙ୍କୁ ଦୂରେଇ ଦେଉଛି। ବସ୍ତୁବାଦୀ ସମାଜ ଆତ୍ମାର ଅସ୍ତିତ୍ୱକୁ ସ୍ୱିକାର କରନ୍ତୁ ଅବା ନ କରନ୍ତୁ , କିନ୍ତୁ ମୃତ ଓ ଜୀବିତ ଥିବା ଆତ୍ମାର କ୍ରନ୍ଦନ ନିଶ୍ଚିତ ଭାବେ ଶୁଣିପାରିବ। ଏପରି ବିଷୟ ବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା ।

ଦ୍ୱିତୀୟ ନାଟକ ହେପ୍ପି ଏନିଭରସରୀ ମଞ୍ଚସ୍ଥ ହୋଇଥିଲା। ଏହାକୁ ସମ୍ବଲପୁର ଧନୁପାଳି ସ୍ଥିତ ମଞ୍ଚ ନାୟକ କଳାକାରମାନେ ମଞ୍ଚନ କରିଥିଲେ । ଡ. ଦ୍ୱାରିକାନାଥ ନାୟକ ରଚନା କରିଥିବା ବେଳେ ସଞ୍ଜିବ କୁମାର ପାଢ଼ୀ ନିର୍ଦ୍ଦେଶନା ଦେଇଥିଲେ। ଦାମ୍ପତ୍ୟ ଜୀବନ ସ୍ୱର୍ଗ ସୁଖଠାରୁ ମଧ ଅଧିକ । ସଂପ୍ରତି ସମସ୍ତେ ଛୋଟ ପରିବାରକୁ ନେଇ ଅନେକ ସ୍ୱପ୍ନ ଦେଖିଥାନ୍ତି। ଠିକ ସେହିପରି ହେପ୍ପି ଏନିଭରସରୀ ନାଟକରେ ସ୍ୱାମୀ, ସ୍ତ୍ରୀ ଓ ଦିବ୍ୟାଙ୍ଗ ପୁଅକୁ ନେଇ ସଂସାର। ହେପ୍ପି ଏନିଭରସରି ପାଳନ ମାଧ୍ୟମରେ ଦିବ୍ୟାଙ୍ଗ ପୁଅ ମଧ ମା’ ଓ ବାପାଙ୍କ ମୁହଁରେ ଚେନାଏ ହସ ଦେଖିବାକୁ ଚେଷ୍ଟା କରିଛି। ତୃତୀୟ ନାଟକ ରଗଡ ଢ଼ୋଲବନ୍ଧ ସଚେତନତା ହେବା ନାଟ୍ୟାନୁଷ୍ଠାନ

## ସମ୍ବଲପୁରୀ ନାଟକ ପ୍ରତିଯୋଗିତା

କଳାକାରମାନେ ଏ...ରୋବୋ ମଞ୍ଚସ୍ଥ କରିଥିଲେ । ରାଜକୁମାର ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଆଧୁନିକ ସମୟରେ ମେଶିନ ଦ୍ୱାରା ପରିଚାଳିତ ମଣିଷ ପ୍ରକୃତରେ ରୋବୋଟ ପାଲଟି ଯାଇଛି । ତେଣୁ ରୋବୋଟ ମଣିଷ ନିଜକୁ ଭଗବାନ ମନେ କରି, ନିଜକୁ ଆତ୍ମ ବଡିମା ଦେଖାଇବାର ପଛାଉ ନାହାନ୍ତି । ଏପରି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ଆୟୋଜକ ଅନୁଷ୍ଠାନର ଅଭିଷେକ ମିଶ୍ରଙ୍କ ପରିଚାଳନାରେ କଳାକାରଙ୍କୁ ପୁରସ୍କାର କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ବିଧାୟକ ଜୟନାରାୟନ ମିଶ୍ର ମୁଖ୍ୟ ଅତିଥି ଓ ନାଟ୍ୟକାର ତଥା ଶିକ୍ଷାବିତ ଡ. ସନ୍ତୋଷ କୁମାର ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ ।

# ସମଲେଇଙ୍କ ଆଜ୍ଞାମାଳ ପରେ ଭୂମିପୂଜନ


ସମ୍ବଲପୁର ଲୋକ ମହୋତ୍ସବ ପାଇଁ ମଞ୍ଚପୂଜା କରାଯାଉଛି।

ସମ୍ବଲପୁର,୨୬।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଲୋକ ମହୋତ୍ସବ ପାଇଁ ଗୁରୁବାର ସମ୍ବଲପୁର ଅଇଁଠାପାଲିସ୍ଥିତ ବୀର୍ସା ମୁଣ୍ଡା ମଇଦାନ (ପିଏଚଡ଼ି ପଡିଆ)ରେ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ମହାନଗର ନିଗମ କମିଶନର ବେଦ ଭୂଷଣ ଅତିଥିଭାବେ ଯୋଗଦେଇ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ଲୋକ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ଇଷ୍ଟଦେବୀ ମା’ ସମଲେଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଆଶୀର୍ବାଦ କାମନା କରାଯାଇଥିଲା। ଦୁଲଦୁଲି ବାଦ୍ୟର ତାଳେତାଳେ ସମଲେଇଙ୍କ ଆଜ୍ଞାମାଳ ସହ ଲୋକ ମହୋତ୍ସବ ଆୟୋଜନ କମିଟି ସଦସ୍ୟ ବୀର୍ସା ମୁଣ୍ଡା ମଇଦାନରେ ପହଞ୍ଚିବା ପରେ ସେଠାରେ ଭୂମିପୂଜନ କରାଯାଇଥିଲା। ଭୂମିପୂଜନ ସମ୍ପନ୍ନ ପରେ ଆଜ୍ଞାମାଳକୁ ମଞ୍ଚରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ଜିତେନ୍ଦ୍ର ନନ୍ଦ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଲୋକ ମହୋତ୍ସବ ମଞ୍ଚ ଏବଂ ପ୍ରେକ୍ଷାଳୟ ସମିତିର ଆବାହକ ନନ୍ଦକିଶୋର ସାହୁ

## ସମ୍ବଲପୁର ଲୋକ ମହୋତ୍ସବ ପାଇଁ ମଞ୍ଚ ନିର୍ମାଣ

ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ବଲପୁର ଲୋକ ମହୋତ୍ସବ ୧୯୯୭ ମସିହାରେ ପ୍ରଥମ ଥର ଆୟୋଜନ କରାଯିବା ପରେ ସାରା ରାଜ୍ୟରେ ଲୋକ ମହୋତ୍ସବର ଧାରା ଆରମ୍ଭ ହୋଇଥିଲା। ଚଳିତବର୍ଷ ସମ୍ବଲପୁର ଲୋକ ମହୋତ୍ସବ ୨୭ ବର୍ଷରେ ପଦାର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମକୁ ବିଗତ ବର୍ଷ ମାନଙ୍କଠାରୁ ଆହୁରି ଭବ୍ୟ ଭାବେ ଆୟୋଜନ କରିବା ପାଇଁ ଆୟୋଜନ କମିଟି ଅଣ୍ଟା ଭିଡିଛି। ଲାଇଭ ଲୋକଗୀତ ଏବଂ ଲୋକ ନୃତ୍ୟକୁ ଦିଆ ଯାଇ ଆସିଥିବା ଗୁରୁତ୍ୱ ଚଳିତ ବର୍ଷ ମଧ ବଜାୟ ରହିବ ବୋଲି ଲୋକ ମହୋତ୍ସବ ଆୟୋଜନ ସମିତି ସଂଯୋଜକ ପ୍ରଫୁଲ୍ଲ ହୋତା କହିଥିଲେ। ସେହିପରି ଲୋକ କଳାକାରମାନଙ୍କୁ ଦିଆହୋଇ ଆସିଥିବା ଗୁରୁତ୍ୱ ବିଷୟରେ ସହ ସଂଯୋଜକ ରଞ୍ଜନ ସାହୁ ଆଲୋକପାତ କରିଥିଲେ। ଆଜିଠାରୁ ମଞ୍ଚ ନିର୍ମାଣ କାମ ଆରମ୍ଭ ହୋଇଛି।

# ଶିଶୁଙ୍କୁ ମାତୃଭାଷାରେ ଶିକ୍ଷା ଦେବାକୁ ଗୁରୁତ୍ୱ

ସମ୍ବଲପୁର,୨୬।୧୨(ଭବାଦୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନକଉଡାସ୍ଥିତ ବିଶାଲଖିଣ୍ଡାରେ ଗତ କିଛି ବର୍ଷ ହେବ ଡିସେମ୍ବର ୨୫ରୁ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ସମ୍ବଲପୁରି ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଗୁରୁବାର ସମଲପୁରି କଥାନି ଏବଂ ଭେକାନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ଭାଷା ଏକାଡେମୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଏହି ବିଷୟରେ ସଚେତନ କରାଯାଇଥିଲା। ସାମାଜିକ କର୍ମୀ ରାଜେନ୍ଦ୍ର ମହାନନ୍ଦ ମୁଖ୍ୟ ଅତିଥି ଓ ଶିଶୁ କର୍ମୀ ମନୋଜ ସାହୁ ମୁଖ୍ୟବକ୍ତାଭାବେ

## ଭାଷା ସଂସ୍କୃତିର ପ୍ରଚାର ପାଇଁ ସମ୍ବଲପୁରୀ ସପ୍ତାହ ପାଳିତ

ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ମା’ ସମଲେଇଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଛୋଟପିଲାଙ୍କୁ ସମ୍ବଲପୁରୀ ଭାଷା ସଂସ୍କୃତି ଏବଂ ପରମ୍ପରା ବିଷୟରେ ସଚେତନ କରିବା ଦିଗରେ ସମ୍ବଲପୁରୀ ସପ୍ତାହ ପାଳନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମୁଖ୍ୟ ଅତିଥି ରାଜେନ୍ଦ୍ର ମହାନନ୍ଦ କହିଥିଲେ। ମୁଖ୍ୟବକ୍ତା ମନୋଜ ସାହୁ ଛୋଟ ଶିଶୁ ନିଜ ମାତୃଭାଷା ମାଧ୍ୟମରେ ସମାଜର ଅନେକ ଜିନିଷ ଶିକ୍ଷା କରିଥାଏ। ତେଣୁ ମାତୃଭାଷା ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ନୀଳମାଧବ ପାତ୍ର ସମ୍ବଲପୁରୀ ଭାଷାରେ ଶିଶୁମାନଙ୍କୁ କୁଲିହା ରାଜା କାହାଣୀ କହିଥିଲେ। ଚତୁର୍ଭୁଜ ଗର୍ଡିଆ ସମଲପୁରି ଭେକାନି ମାଧ୍ୟମରେ ଶିଶୁମାନଙ୍କୁ ସଚେତନ କରିଥିଲେ। ରାହୁଲ ନିଖଣ୍ଡିଆ ସମ୍ବଲପୁରୀ ଭାଷାରେ ବାସି ପଖାଳ ଆର୍ ମିର୍ଚ୍ଚା କାହାଣୀ କହିଥିଲେ। ଅନେକ ଛାତ୍ରୀଛାତ୍ର ଶୁଣିଥିବା କାହାଣୀ ଗୁଡିକ ସମ୍ବଲପୁରୀ ଭାଷାରେ ଶୁଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଦେବାଶିଷ ସାହୁ ସଞ୍ଚାଳନ କରିଥଲେ। ବୁଧବାର ସମ୍ବଲପୁରୀ ଲିପି ଶିକ୍ଷା ଦିଆଯାଇଥିଲା। ଶୁକ୍ରବାର ସମଲପୁରୀ ଖେଳ ଧରାଗୁ ବାଟି, ଛିଲୋଲାଇ, ହୁମୋ, ଖମଖମାଲୋ, ରସିଡେଗାନି, ମଲ୍ଲାଚଲାତି ଆଦି ସମ୍ବଲପୁରୀ ଖେଳ ବିଷୟରେ ଶିଶୁମାନଙ୍କୁ ଶିକ୍ଷା ଦିଆଯିବ। ସେହିପରି ୨୮ ତାରିଖରେ ସମଲପୁରି ସଂସ୍କୃତି ଏବଂ ପରମ୍ପରା ବିଷୟରେ ଅବଗତ କରାଯିବ। ୩୦ରେ ସମଲପୁରି ଲୋକଗୀତ ଏବଂ ଲୋକନୃତ୍ୟ ବିଷୟରେ ଏବଂ ୩୧ତାରିଖରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପୂର୍ଣ୍ୟତିଥି ପାଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ କରାଯିବ ବୋଲି ସମ୍ବଲପୁରୀ ଭାଷା ଏକାଡେମୀ ଅଧ୍ୟକ୍ଷ ହେମକାନ୍ତ ସାହୁ କହିଛନ୍ତି।

# ଏସିଇ କମ୍ପ୍ୟୁଟର କେନ୍ଦ୍ରରେ ସମ୍ବର୍ଦ୍ଧନା ସମାରୋହ


ଦୁଇ ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

କୁଚିଣ୍ଡା,୨୬।୧୨(ବିରଞ୍ଚି ଦର୍ଜ୍ଜା)

ସମ୍ବଲପୁର ଜିଲା କୁଚିଣ୍ଡା ସ୍ଥିତ ଏକାଡେମି ଅଫ କମ୍ପ୍ୟୁଟର ଏଜୁକେସନ (ଏସିଇ) କେନ୍ଦ୍ରରେ ବୁଧବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡାର ଅନୁଭବ ଅଗ୍ରୱାଲ ଓ ରୂପାଲି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମଗ୍ର ଦେଶରେ ହୋଇଥିବା ଅଗ୍ରୀମ ଜେଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇ କୁଚିଣ୍ଡାର ଅନୁଭବ ଅଗ୍ରୱାଲ ଏବେ ଧାନବାଦ ଆଇଆଇଟିରେ ଅଧ୍ୟୟନ କରୁଛନ୍ତି। ସେହିପରି କୁଚିଣ୍ଡାର ରୁପାଲି ପଣ୍ଡା ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ନୂଆଦିଲ୍ଲୀରେ ହେବାକୁ ଥିବା ଗଣତନ୍ତ୍ର ଦିବସ ପରେଡ ପାଇଁ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏସିଇ ଡାଇରେକ୍ଟର ରାଜେଶ ଶର୍ମା ସଭାପତିତ୍ୱ କରିଥିଲେ। ଏଥିରେ କୁଟୁରାବୁଆଁ କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପିଏନବି ବ୍ୟାଙ୍କ ମ୍ୟାନେଜେର କିଶୋର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ଝୁନି ବେହେରା ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ମଞ୍ଜିତ ପଲେଇ, ଅଧ୍ୟାପିକା ଭାରତୀ କୁସୁମ ଏଥିରେ ସହଯୋଗ କରିଥିଲେ।

# ବିରାଜ ଷ୍ଟିଲ୍‌ରେ ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୨୬।୧୨(ପ୍ରମୋଦ ବହିଦାର)

ବିରାଜ ଷ୍ଟିଲ୍ ଏଣ୍ଡ ଏନାର୍ଜି ଓ ହୀରାକୁଦ ବ୍ଲଡ଼ ଡୋନର୍ସ ଗ୍ରୁପର ମିଳିତ ଆନୁକୂଲ୍ୟରେ କମ୍ପାନୀ ପରିସରରେ ଏକ ମେଗା ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଆଲୁୱାଲିଆଙ୍କ ଜନ୍ମଦିବସ ଉପଲକ୍ଷେ ଅନୁଷ୍ଠିତ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିରକୁ କମ୍ପାନୀର ମାନବ ସମ୍ବଳ ମୁଖ୍ୟ ପ୍ରବନ୍ଧକ ତପନ ଦାଶ ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରେ ୧୦୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ଡା. ନୟନ ରାଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ନିକଟସ୍ଥ ଗ୍ରାମର ଶହେରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଏଥିରେ ବିରାଜ ଷ୍ଟିଲ୍‌ର ମାନବ ସମ୍ବଳ ମୁଖ୍ୟ ସୀତାଂଶୁ ଶେଖର ଦାଶ, ଦେବାଶିଷ ମିଶ୍ର ଉପସ୍ଥିତ ଥିଲେ। ଶିବିର ଆୟୋଜନରେ କମ୍ପାନୀ କର୍ମଚାରୀଙ୍କ ସହିତ ହୀରାକୁଦ ବ୍ଲଡ଼ ଡୋନର୍ସ ଗ୍ରୁପ ସଭାପତି କରୁଣାକର ବିଶ୍ୱାଳ, କେ.ସାଇପ୍ରସଦ ରାଓ, ଯୋସେଫ ପ୍ରଧାନ, ପ୍ରତିମା ପ୍ରଧାନ, ଝୁନୀ ପଣ୍ଡା, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।


ଶିବିରରେ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଲୋକଙ୍କ ପୁନଃ ଆସ୍ଥା ହାସଲକୁ ଗୁରୁତ୍ୱ


କୁଚିଣ୍ଡାରେ ବିଜେଡି ପ୍ରତିଷ୍ଠା ଦିବସରେ ସାମିଲ କର୍ମକର୍ତ୍ତାଙ୍କ ସହ ଜନପ୍ରତିନିଧି।


ସମ୍ବଲପୁରରେ ବିଜୁ ସ୍ମୃତି କମିଟି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

ନାକଟିଦେଉଳ,୨୬।୧୨(ବୈକୁଣ୍ଠନାଥ ସାହୁ)

## ୨୮ତମ ପ୍ରତିଷ୍ଠା ଦିବସ ପାଳିଲା ବିଜେଡି

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ବିଜେଡି୨୮ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳନ କରିଛି। ଲୋକଙ୍କ ପୁନଃ ଆସ୍ଥା କିପରି ହାସଲ କରାଯାଇ ପାରିବ ତାହା ଉପରେ ଦଳୀୟ ନେତା ଓ କର୍ମୀମାନେ ଯୋର ଦେଇଛନ୍ତି। ନାକଟିଦେଉଳ ବ୍ଲକ ବିଜେଡି ତରଫରୁ ନାକଟିଦେଉଳଠାରେ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଧିରେନ କୁମାର ସାହୁ ଏବଂ ସାହେବୀ ପଞ୍ଚାୟତ ସରପଞ୍ଚ ରାମ ପ୍ରସାଦ ସାହୁ ଯୋଗଦେଇଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ହୋଇଥିବା ବିଜେଡି ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରି ଆସୁଛି। ଆଗାମୀ ଦିନରେ ବ୍ଲକରେ ଦଳ କିପରି ଆହୁରି ସୁଦୃଢ ହୋଇ ପାରିବ ସେ ସମ୍ପର୍କରେ ନେତୃବୃନ୍ଦ ଆଲୋଚନା କରିଥିଲେ। ରେଢ଼ାଖୋଲ ବିଧାୟକଙ୍କ ବ୍ଲକ ପ୍ରତିନିଧି ବିଭୂତି ଭୂଷଣ ପ୍ରଧାନ, ଶ୍ରୀପତି ରାଉତ ଏବଂ ଶୁଶୀଳ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

**ସମ୍ବଲପୁର(ବି.ଶଙ୍କର):** ବିଜୁ ସ୍ମୃତି କମିଟି ପକ୍ଷରୁ ପୁଟିବନ୍ଧଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟ ସମ୍ପର୍କରେ ଜନତାଙ୍କୁ ସଚେତନ କରାଇବାକୁ ପୂଜାରୀ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କମିଟିର ବରିଷ୍ଠ ଉପଦେଷ୍ଟା ହରାଦୀପ ସିଂ, ଆଇନଜୀବୀ ସୁରେନ୍ଦ୍ର ଥାପା, ପ୍ରଫୁଲ୍ଲ କୁମାର ଦାଶ, ବିଜୁ ସ୍ମୃତି କମିଟି ଆବାହକ ପ୍ରଶାନ୍ତ ଥାପା, ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ, ଉପସଭାପତି ସତ୍ୟେନ୍ଦ୍ର ଦାସ, ବିକ୍ରମ ରଞ୍ଜିତ ସାମିଲ ଥିଲେ। ପରେ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା ।

**କୁଚିଣ୍ଡା,(ବିରଞ୍ଚି ଦର୍ଜ୍ଜା):** କୁଚିଣ୍ଡା ଶ୍ରମିକ ଭବନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର ପ୍ରତିଷ୍ଠା ଦିବସ ସଭା ପରିଚାଳନା କରିଥିଲେ। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ ମହାନ୍ତି, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ତନୟା ଧୁରୁଆ, କୃଷ୍ଣଚନ୍ଦ୍ର ଟପ୍ପୋ, ଜିଲା ଉପସଭାପତି ମହମ୍ମଦ ମୃତୁଜା, ବିଜୁ ଛାତ୍ରଜନତା ଦଳ ସଭାପତି ଅଭିଳାଷ ଅଗ୍ରୱାଲ, ଗଣେଶ ଅଗ୍ରୱାଲ, ଶୋଭାରାମ ପ୍ରଧାନ, କିଶୋର କିଷାନ, ଶତ୍ରୁଘ୍ନ ବୁଡା, ଯୁବ ସଭାପତି ବିଜୁ ସାହୁ ଯୋଗଦେଇଥିଲେ।

